ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.274, Bhubaneswar Sunday, December 15, 2019 ୨୨ତମ ବର୍ଷ ସଂଖ୍ୟା-୨୭୪ ଭୁବନେଶ୍ୱର , ରବିବାର, ଡିସେମ୍ବର ୧୫, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS


# ଫେବୃଆରି ୧ରେ ପରବର୍ତ୍ତୀ ଶୁଣାଣୀ

## ମହାନଦୀ ବିବାଦ

ଭୁବନେଶ୍ୱର, (ପିଏନ)- ମହାନଦୀ ଜଳ ବିବାଦ ମାମଲାରେ ଫେବୃଆରି ୧ ତାରିଖ ସୁଦ୍ଧା ସମସ୍ତ ପ୍ଲିଡିଂ ସମାପ୍ତ କରିବାକୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ଓଡିଶା ଓ ଛତିଶଗଡକୁ ନିର୍ଦ୍ଦେଶ ଦେଇଛନ୍ତି । ଫେବୃଆରି ୧ ତାରିଖରେ ପରବର୍ତୀ ଶୁଣାଣି ହେବ। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ତଥା ବିଚାରପତି ଏ.ଏମ. ଖାନଓ୍ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଉଭୟ ଓଡ଼ିଶା ଓ ଛତିଶଗଡ଼ର ପକ୍ଷ ଶୁଣିବେ ।ଶନିବାର ଟ୍ରିବ୍ୟୁନାଲଙ୍କ ନିକଟରେ ଓଡ଼ିଶା ଏବଂ ଛତିଶଗଡ଼ ଦୁଇ ରାଜ୍ୟ ମହାନଦୀରେ ତିଆରି ହୋଇଥିବା ପରସ୍ପରର ପ୍ରକଳ୍ପ ଅଂଚଳର ପ୍ରଥମ ପର୍ଯ୍ୟାୟ ପରିଦର୍ଶନ କରିଥିବା ସଂପର୍କରେ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଥିଲେ। ପ୍ରକଳ୍ପ ସମ୍ପର୍କରେ ଅଧିକ ଅନୁଧ୍ୟାନର ଆବଶ୍ୟକତା ରହିଛି ବୋଲି ଟ୍ରିବ୍ୟୁନାଲଙ୍କୁ ଉଭୟ ପକ୍ଷରୁ ନିବେଦନ କରାଯାଇଥିଲା। ତେଣୁ ଟ୍ରିବ୍ୟୁନାଲ ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ପାଇଁ ଅନୁମତି ଦେଇଛନ୍ତି। ଏହି ନିଷ୍ପତି ପରେ ଉଭୟ ରାଜ୍ୟର ଅଧିକାରୀ ଆଗାମୀ ଜାନୁଆରି ମାସରେ କ୍ଷେତ୍ର ପରିଦର୍ଶନ କରିବେ। ପ୍ରଥମେ ଛତିଶଗଡ଼ ଟିମ୍ ଜାନୁଆରୀ ୧୪ ତାରିଖରେ କ୍ଷେତ୍ର ପରିଦର୍ଶନରେ ଆସିବେ ଏବଂ ଜାନୁଆରୀ ୧୬ ତାରିଖରେ ଓଡ଼ିଶା ଟିମ ଛତିଶଗଡ଼ ପ୍ରକଳ୍ପ ପରିଦର୍ଶନ କରିବେ। ସୂଚନାଯୋଗ୍ୟ, ଅକ୍ଟୋବର ୨୯ରୁ ନଭେମ୍ବର ୩ ତାରିଖ ଭିତରେ ଓଡ଼ିଶା ପ୍ରତିନିଧି ଦଳ ଛତିଶଗଡ଼ ଯାଇ ପ୍ରକଳ୍ପଗୁଡିକୁ ଅନୁଧ୍ୟାନ କରି ଫେରିଥିଲେ। ଏହାପରେ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଛତିଶଗଡ଼ ଟିମ୍ ମଧ୍ୟ ଓଡ଼ିଶା ଆସି ମହାନଦୀ ଉପରେ ନିର୍ମାଣ କରାଯାଇଥିବା ପ୍ରକଳ୍ପଗୁଡ଼ିକ ବୁଲିଦେଖିଥିଲେ।

# ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ରୁ ଉଚ୍ଛେଦ କାର୍ଯ୍ୟ ଜାରୀ

**ପୁରୀ, (ପିଏନ)-** ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ରୁ ଉଚ୍ଛେଦ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ଶନିବାର ଦିନ ସାନଛତା ମଠ ପାଖ ରୋଷଘର ଓ ମଠର ମନ୍ଦିରକୁ ଲାଗିଥିବା ଘରଟି ଧରାଶାୟୀ ହୋଇଛି । ସେଠାରେ ପଡିରହିଥିବା ଭଙ୍ଗା ଇଟା ଓ ପଥରକୁ ଟ୍ରାକ୍ଟର ସାହାଯ୍ୟରେ ବୁହା ଚାଲିଛି । ମଠର ମନ୍ଦିରକୁ ସୁରକ୍ଷିତ ରଖାଯିବା ସହ ଏହା ନିକଟରୁ ସମସ୍ତ ଦୋକାନ ଘର, ରୋଷ ଘର ଆଦି ଭଙ୍ଗା ଯାଉଛି । ଏସବୁ ଦୋକାନ ଗୃହ ଭଙ୍ଗାଯିବା ପରେ ବଡ଼ଆଖଡ଼ା ମଠ ନିକଟରୁ ଦୋଳବେଦି ସମ୍ପୂର୍ଣ୍ଣ ଦୃଶ୍ୟମାନ ହେଉଛି । ଏହି ଉଚ୍ଛେଦ କାର୍ଯ୍ୟରେ ଦୁଇଟି ବୁଲଡ଼ୋଜର ନିୟୋଜିତ ରହିଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ଦୋଳବେଦୀ କୋଣ, ମନ୍ଦିର ଅଫିସ ନିକଟ, ସତ୍ୟନାରାୟଣ ମନ୍ଦିର ପାଖ, ଲକ୍ଷ୍ମୀ ବଜାର କୋଣ, ବଡ଼ ଆଖେଡ଼ା ମଠ, ଲଙ୍ଗୁଳି ମଠ ନିକଟରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି ।





# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ-୨୦୧୯ ଉଦଘାଟିତ

**କୋଣାର୍କ, (ପିଏନ)-** ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡ଼ିସେମ୍ବର ୧୪ରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ୪୯ଦିନ ଧରି କୋଣାର୍କ-ପୁରୀ ବେଳାମାର୍ଗର ସାହୁଖଣତା ଠାରେ ଆୟୋଜିତ ମେରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟ-୨୦୧୯କୁ ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଲୁନ ଉଡାଇ ଉଦଘାଟନ କରିଛନ୍ତି । ଏହାପରେ ଏକ ସ୍ୱତନ୍ତ୍ର ବେଟ୍ରିଚାଳିତ ଗାଡିରେ ବସି ଇକୋ ରିଟ୍ରିଟ ଟେଣ୍ଟ ଭିଲେଜ ବୁଲି ଦେଖିଥିଲେ ମୁଖ୍ୟମନ୍ତ୍ରୀ।

ଏହି ଉଦଘାଟନ ଉତ୍ସବରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଉନ୍ନୟନ ସଚିବ ସୁରେଶ ମହାପାତ୍ର, ପର୍ଯ୍ୟଟନ ବିଭାଗର ସଚିବ ବିଶାଲ କୁମାର ଦେବ, ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, କ୍ରିଡା ଓ ଯୁବସେବା ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ, ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, କେନ୍ଦ୍ରାଚଂଳ ଆରଡିସି ଅନିଲ ସାମଲ, ରାଜ୍ୟ ପର୍ଯ୍ୟଟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଉତ୍ପଳ କୁମାର ପତି, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଯାଦବ, ପର୍ଯ୍ୟଟନ ଉନ୍ନୟନ ନିଗମର ନିର୍ଦ୍ଦେଶକ ହେମନ୍ତ କୁମାର ସୟ, ଜିଲ୍ଲାପାଳ ବଲୱନ୍ତ ସିଂ, ଏସପି ଉମାଶଙ୍କର ଦାଶ, ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ବିଜୟ ଜେନା, ଭୁବନେଶ୍ୱର ପର୍ଯ୍ୟଟନ ଅଧିକାରୀ ରତିକାନ୍ତ ପଟ୍ଟନାୟକ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଏବଂ ଉତ୍ସବ ସହ ଜଡ଼ିତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ । ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ କୋଣାର୍କ-ପୁରୀ ବେଳାମାର୍ଗ ସାହୁଖଣତା ଠାରେ ଅତ୍ୟାଧୁନିକ ଟେଂଟ ଭିଲେଜ ନିର୍ମାଣ କରାଯାଉଛି । ପର୍ଯ୍ୟଟକମାନେ ବାଲୁଖଣ୍ଡ ଅଭୟାରଣ୍ୟ ସଂଲଗ୍ନ ବଙ୍ଗୋପସାଗରର ସମୁଦ୍ର କୂଳରେ ନିର୍ମିତ ଅତ୍ୟାଧୁନିକ ଟେଂଟ ଭିଲେଜରେ ରାତ୍ରି ରହଣି କରିବା ସହିତ ସ୍ପା, ଜଳକ୍ରୀଡ଼ା, ଦୁଃସାହାସିକ କ୍ରୀଡ଼ା, ଆକାଶରେ ଉଡିବାର ମଜା, ବିଭିନ୍ନ ପ୍ରକାର ଖାଦ୍ୟର ପ୍ରଦର୍ଶନୀ, ହସ୍ତଶିଳ୍ପ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିପାରିବେ । ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା, ଗମନାଗମନ, ପାନୀୟ ଜଳ ଯୋଗାଣ ଇତ୍ୟାଦିର ସୁବନ୍ଦୋବସ୍ତ କରାଯାଇଛି । ଏହି ଇକୋ ରିଟ୍ରିଟ ଭିଲେଜ ମଧ୍ୟରେ ସମସ୍ତ ସୁବିଧା ଥାଇ ୫୦ଟି ଅତ୍ୟାଧନିକ ଶୀତତାପ ନିୟନ୍ତ୍ରୀ ଟେଂଟ ଗୃହ ନିର୍ମାଣ କରାଯାଉଛି । ଏହି ଇକୋ ରିଟ୍ରିଟ ଭିଲେଜକୁ ୩ଟି ଶ୍ରେଣୀରେ 'ସୁପର ପ୍ରିମିୟମ, ପ୍ରିମିୟମ ଓ ଡିଲକ୍ସ' ବିଭାଗରେ ବିଭାଜିତ କରାଯାଇଛି । ଗୋଟାଏ ରାତ୍ରୀ ରହଣି କରିବା ନିମନ୍ତେ ୯ ହଜାର ଟଙ୍କାରୁ ୨୮ ହଜାର ଟଙ୍କା ଦେଇ ପର୍ଯ୍ୟଟକମାନେ ରହିପାରିବେ । ଏଥିପାଇଁ ପର୍ଯ୍ୟଟନ ବିଭାଗର ଓ୍ୱେବସାଇଟରେ ବୁକିଙ୍ଗର ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟନ ବିଭାଗକୁ ଏହି ଇକୋ ରିଟ୍ରିଟ ଭିଲେଜର ସଫଳତା ମିଳିଲେ ପ୍ରତ୍ୟେକ ବର୍ଷ କୋଣାର୍କ-ପୁରୀ ବେଳାମାର୍ଗରେ ଏହିପରି କାର୍ଯ୍ୟକ୍ରମ କରାଯିବ । ରଙ୍ଗ ବେରଙ୍ଗ ଆଲୋକମାଳାରେ ଇକୋ ରିଟ୍ରିଟ ଭିଲେଜ ପରିସର ସଜେଇ ହୋଇଛି । ପର୍ଯ୍ୟଟକଙ୍କୁ ବେଳାମାର୍ଗ ରାସ୍ତାରୁ ଇକୋ ରିଟ୍ରିଟ ଭିଲେଜ ପରିସର ନେବା ଆଣିବା ପାଇଁ ବେଟ୍ରିଚାଳିତ ଯାନର ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସମୁଦ୍ରରେ ନୌକା ବିହାର, ଓ୍ୱାଟର ସ୍କୁଟର, ଆକାଶ ଛତାରେ ଉଡିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

ଆଜି ଉଦଘାଟନି ଦିବସରେ ପ୍ରବଳ ଜନ ସମାଗମ ହୋଇଥିଲା । ଏହି ସମୟରେ କୋଣାର୍କ-ପୁରୀ ବୋଳାମାର୍ଗର ଉଭୟ ପାର୍ଶ୍ୱରେ ଲୋକ ଯାନବାହାନ ରଖିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଆଗମନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ



ଭୁବନେଶ୍ୱର, (ପିଏନ)-ବର୍ତମାନ ସମୟରେ ବିଦ୍ୟୁତ ଶକ୍ତି ସଂରକ୍ଷଣର ଆବଶ୍ୟକତା ରହିଛି, ଜୈବ ଇନ୍ଧନ, କୋଇଲା, ପେଟ୍ରୋଲରୁ ବିଦ୍ୟୁତ ଉତ୍ପାଦନ ହେବା ଫଳରେ ଅଙ୍ଗାରକାମ୍ଳ ଗ୍ୟାସ ବାୟୁମଣ୍ଡଳରେ ମିଶି ତାପମାତ୍ରା ବୃଦ୍ଧି କରିଥାଏ ତେଣୁ ଏଥିପ୍ରତି ସଚେତନ ହୋଇ ଶକ୍ତି ସଂରକ୍ଷଣ କରାଗଲେ ଉତାପ ବୃଦ୍ଧି ହ୍ରାସ ପାଇବ ବୋଲି ଶନିବାର ଜୟଦେବ ଭବନରେ ଅନୁଷ୍ଠିତ ଜାତୀୟ ଶକ୍ତି ସଂରକ୍ଷଣ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶକ୍ତିମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ।ଏହି ଉପଲକ୍ଷେ ଶନିବାର ପୂର୍ବାହ୍ନରେ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ, ଶ୍ରୀ ବିଷ୍ଣୁପଦ ସେଠୀ ପତାକା ଦେଖାଇ ରାଲି ଓ ଶକ୍ତି ସଂରକ୍ଷଣ ରଥକୁ ଉଦଘାଟନ କରିଥିଲେ । ସେଂଟର ଫର ଏନଭରନମେଂଟାଲ୍ ଷ୍ଟଡ଼ିଜ, ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକ ପ୍ରଫେସର ଡ଼ଃ ଆଶୁତୋଷ ଦେବତା; ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ସନ୍ତୋଷ ଦାସ,ଏହି ରାଲିରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରାଲିରେ ରାଜ୍ୟର ୩୦ ଗୋଟି ଜିଲ୍ଲାର ବହୁ ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ଶକ୍ତି ସଂରକ୍ଷଣର ବାର୍ତା ପ୍ରଚାର କରିଥିଲେ ।ଚଳିତ ବର୍ଷ ଶକ୍ତି ସଂରକ୍ଷଣ ନିମନ୍ତେ ଓଡିଶାର ପ୍ରତି ବ୍ଲକ ଓ ଜିଲ୍ଲା ସ୍ତରରେ ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ଶ୍ରେଷ୍ଠ ବିବେଚିତ ୩ ଜଣ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇଥିଲେ । ସାରା ରାଜ୍ୟର ସପ୍ତମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୦,୦୦୦ ପ୍ରତିଯୋଗୀ ଏହି କୁଇଜ ପ୍ରତିଯୋଗିତା ଭାଗ ନେଇଥିଲେ। ଜୟଦେବ ଭବନଠାରେ ଜାତୀୟ ଶକ୍ତି ସଂରକ୍ଷଣର ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମିଶ୍ର କହିଥିଲେ ଯେ ଶକ୍ତି ଏବେ ପ୍ରତ୍ୟେକ ମନୁଷ୍ୟର ଜୀବନଯାପନ ପାଇଁ ଏକ ପ୍ରକାର ଜରୁରୀ ଆବଶ୍ୟକତା ହୋଇଯାଇଛି ବିଦ୍ୟୁତ ଚାହିଦା ଦିନକୁ ଦିନ ବଢୁଛି ,ଏହାକୁ ତାଳ ଦେଇ ବିଦ୍ୟୁତ ଉତ୍ପାଦନ ମଧ୍ୟ ବଢାଇବାକୁ ପଡୁଛି କିନ୍ତୁ ଏହି ବିଦ୍ୟୁତ କୋଇଲା ଭଳି ଜୀବାଶ୍ମ ଇନ୍ଧନରୁ ଉତ୍ପାଦିତ ହେଲେ ଏଥିରୁ ନିର୍ଗତ ଅଙ୍ଗାରକାମ୍ଳ ଭଳି ଗ୍ୟାସ ବାୟୁମଣ୍ଡଳକୁ ଅତି ମାତ୍ରରେ ଦୂଷିତ କରୁଛି ଅନ୍ୟ ପଟେ ଏହିଭଳି ସାଧନ କିଛି ଦିନ ମଧ୍ୟରେ ଶେଷ ମଧ୍ୟ ହୋଇଯିବ । ଶ୍ରୀ ମିଶ୍ର ବିଭିନ୍ନ ପ୍ରଦର୍ଶିତ ଇଲେକ୍ଟ୍ରିକ ଗାଡି ,ସ୍କୁଟର ଓ ଅନ୍ୟାନ ଶକ୍ତିଦକ୍ଷ ଉପକରଣ ଯଥା ଏସି,ଫ୍ରିଜ,ପଙ୍ଖା ଏବଂ ସୌରଶକ୍ତିର ରନ୍ଧନ ଉପକରଣ ଗୁଡିକ ବୁଲି ଦେଖିଥିଲେ ଏହା ଛଡା ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ସମଗ୍ର ମଡେଲ ମଧ୍ୟ ଦେଖି ଭୁୟସୀ ପ୍ରଶଂସା କରିଥିଲେ ।

# ପୁରୀର ବିକାଶ ପାଇଁ ୬ଟି ଖଣି ଦେଲା ଓଏମସି

ଭୁବନେଶ୍ୱର, (ପିଏନ)- ପୁରୀର ବିକାଶ ପାଇଁ ଓଡିଶା ଖଣି ନିଗମ ଆଗେଇ ଆସିଛି। ଏହି ବିକାଶ ଲାଗି ଖଣି ନିଗମକୁ ୬ଟି ଖାଣ୍ଡୋଲାଇଟ୍ ଖଣି ଦିଆଯିବ। ଏହି ୬ଟି ଖଣି ମଧ୍ୟରେ ଯାଜପୁରର ୩ ଟି , ଖୋର୍ଦ୍ଧାରେ ୨ଟି ଏବଂ କଟକରେ ଗୋଟିଏ ଖଣି ରହିଛି। ଏହି ଖଣି ଗୁଡିକରୁ ନିଗମ ଖଣି ଉତୋଳନ କରି ଯେଉଁ ଅର୍ଥ ସଂଗ୍ରହ କରିବ ତାହା ଅବଢା ଯୋଜନା ମାଧ୍ୟମରେ ପୁରୀର ବିକାଶରେ ଖର୍ଚ୍ଚ ହେବ।

# ଆଜିଠୁ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା

ଭୁବନେଶ୍ୱର, (ପିଏନ)- ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆସନ୍ତାକାଲି(ରବିବାର) ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆରମ୍ଭ ହେବ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ଏହି ମେଳାର ଉଦଘାଟନ କରିବେ।

ଚଳିତ ବର୍ଷ ଏହି ମେଳାରେ ଉଭୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ନିର୍ମିତ ୩୮୦ ଗୋଟି ପ୍ରଦର୍ଶନ କକ୍ଷ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ବିଭିନ୍ନ ପ୍ରଦେଶର ୫୦ଜଣ ବୁଣାକାର ବିକାଶ ଆୟୁକ୍ତ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ହୋଇଥିବା ସହିତ ରାଜ୍ୟରୁ ପ୍ରାୟ ୧୫୦ ଜଣ ହସ୍ତଶିଳ୍ପ କାରିଗର ଏବଂ ୮୦ ଜଣ ବୁଣାକାରଙ୍କୁ ରାଜ୍ୟ କୁଟୀର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର ଏବଂ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ତରଫରୁ ପ୍ରାୟୋଜିତ ହୋଇଛି। ଏହାବ୍ୟତୀତ ୪୦ଗୋଟି କକ୍ଷ ବିଶିଷ୍ଟ ଏକ ଫୁଡ଼କୋର୍ଟ ଆୟୋଜନ କରାଯାଇଛି। ୧୩ଦିନ ବ୍ୟାପି ଏହି ମେଳା ପ୍ରତ୍ୟହ ଦିନ ୧୧ଟା ଠାରୁ ଆରମ୍ଭ ହୋଇ ରାତି ୯.୩୦ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟାରୁ ରାତି ୯.୩୦ ପର୍ଯ୍ୟନ୍ତ ରାଜ୍ୟ ତଥା ଆନ୍ତରାଜ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ମେଳାର ଏକ ପ୍ରମୁଖ ଆକର୍ଷଣ। ଚଳିତ ବର୍ଷ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ଅଛନ୍ତି ବଲିଉଡ଼ର ପ୍ରସିଦ୍ଧ ଗାୟିକା ପ୍ରତିଭା ସିଂ ଭାଗଲେ ଏବଂ ଗାୟକ ଅମନ ତିର୍ଖା ।ମେଳାକୁ ପ୍ଲାଷ୍ଟିକମୁକ୍ତ ରଖିବା ପାଇଁ ପଦକ୍ଷେପ ନିଆଯାଇଛି ।ଚଳିତ ବର୍ଷ ପ୍ରାୟ ୨୨ ଲକ୍ଷ ପରିଦର୍ଶକମାନଙ୍କର ସମାଧାର ଆକଳନ କରାଯିବା ସହିତ ୨୧.୫୦ କୋଟିର ବିକ୍ରିବଟା ହେବାର ପୂର୍ବାନୁମାନ କରାଯାଇଛି।

# ରାଷ୍ଟ୍ରପତି ଭବନରେ ପ୍ରମୁଖ ଶିକ୍ଷାନୁଷ୍ଠାନର ମୁଖ୍ୟ, କୁଳପତି ସମ୍ମିଳନୀ



ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ରାଷ୍ଟ୍ରପତି ଭବନର ଭିଜିଟର୍ କନଫରେନ୍ସରେ ଶନିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଦେଶର ବିଭିନ୍ନ ପ୍ରମୁଖ ଶିକ୍ଷାନୁଷ୍ଠାନର ମୁଖ୍ୟ ଏବଂ କୁଳପତିଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ବୈଠକରେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ନୂତନ ନୂତନ ଟେକ୍ନୋଲୋଜି ଅଣାଯିବା ସହ ନୂଆ ଜ୍ଞାନକୌଶଳ ମାଧ୍ୟମରେ ଦେଶରେ ବିଶ୍ୱସ୍ତରୀୟ ଶିକ୍ଷା ଅନୁଷ୍ଠାନ ତିଆରି କରିବା ଉପରେ ଆଲୋକପାତ କରିଥିଲେ ବୋଲି ଟ୍ୱିଟ୍ କରି ଜଣାଇଛନ୍ତି ।

ଶ୍ରୀ ପ୍ରଧାନ ଟ୍ୱିଟରରେ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱରେ ଭାରତକୁ ମାନବବଳର ପେଣ୍ଠସ୍ଥଳୀ କରିବା ଏବଂ ସମଗ୍ର ହାଇଡ୍ରୋକାର୍ବନ ଓ ଉର୍ଜା ଶୃଙ୍ଖଳାରେ ଗବେଷଣା ଏବଂ ବିକାଶ ପାଇଁ ଏହି ଶିକ୍ଷକୁ ଭବିଷ୍ୟତର ନେତୃତ୍ୱକାରୀମାନଙ୍କୁ ଗଢିବା ପାଇଁ ପେଟ୍ରୋଲିୟମ ମନ୍ତ୍ରଣାଳୟ ଦେଶର ରାଇବରେଲି, ଶିବଶାଗର ଏବଂ ବାଙ୍ଗାଲୋର ଠାରେ ରାଜୀବ ଗାନ୍ଧୀ ପେଟ୍ରୋଲିୟମ ଟକ୍ନୋଲୋଜି ସଂସ୍ଥା (ଆରଜିଆଇପିଟି) ଏବଂ ବିଶାଖାପାଟଣାରେ ଭାରତୀୟ ପେଟ୍ରୋଲିୟମ ଉର୍ଜା ସଂସ୍ଥା (ଆଇଆଇପିବି) ଭଳି ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା କରିଛି । ଏହି ଶିକ୍ଷାନୁଷ୍ଠାନ ଗୁଡିକ ଦେଶ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ । ପଲିସି ଫ୍ରେମଓ୍ୱାର୍କ, ଗବେଷଣା ଏବଂ ବିକାଶ ତଥା ଦେଶର ଉର୍ଜା କ୍ଷମତା ପାଇଁ ମାନବ ସମ୍ବଳ ମଧ୍ୟ ପ୍ରଦାନ କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ବିଶ୍ୱବିଦ୍ୟାଳୟ ମାନଙ୍କରେ ଦିଆଯାଉଥିବା ଜ୍ଞାନ ଦେଶର ଅର୍ଥନୀତିର ବିକାଶ ସହ ଜଡିତ । କେବଳ ଯେ ସ୍ଥିତାବସ୍ଥା ନୁହେଁ ଦ୍ରୁତ ବିକାଶର ବାର୍ତାବହ ବିଶ୍ୱବିଦ୍ୟାଳୟ ହେବ । ବିଶ୍ୱବିଦ୍ୟାଳୟ ପରୋକ୍ଷ ଭାବରେ ଦେଶର ଅର୍ଥନୀତି ପାଇଁ ମଧ୍ୟ କାର୍ଯ୍ୟ କରେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟରରେ ଉଲ୍ଲେଖ କରିଛନ୍ତି । ଉଲ୍ଲେଖନୀୟ ଯେ, ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ୪୬ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ବିଶେଷଭାବରେ କୃଷି, ଫାର୍ମାସିୟୁଟିକାଲ, ଡିଜାଇନ, ଫ୍ୟାସନ, ପେଟ୍ରୋଲିୟମ ଏବଂ ଏନର୍ଜି, ଯୋଜନା ଏବଂ ଆର୍କିଟେକ୍ଚର, ସୂଚନା ପ୍ରଯୁକ୍ତି ଭଳି ଉଚ୍ଚ ଶିକ୍ଷା କ୍ଷେତ୍ରର ମୁଖ୍ୟମାନେ ସାମିଲ ଥିଲେ । ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟରୁ ଆସିଥିବା ମୁଖ୍ୟମାନେ ଛାତ୍ର ଉଦ୍ୟୋଗୀ, ନିର୍ମାଣ ଶିକ୍ଷ ଏବଂ ବିଶ୍ୱବିଦ୍ୟାଳୟର ଭିତିଭୂମି ପ୍ରକଳ୍ପ ପ୍ରଭୃତି ଉପରେ ଉପସ୍ଥାପନ କରିଥିଲେ

# ରାଷ୍ଟ୍ରୀୟ ଗଙ୍ଗା ପରିଷଦର ପ୍ରଥମ ବୈଠକରେ ନଦୀର ସ୍ୱଚ୍ଛ ଓ ଅବିରାମ ପ୍ରବାହ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

- ନମାମି ଗଙ୍ଗେ ଅଭିଯାନ ଫଳରେ ଶିଳ୍ପ ଆବର୍ଜନା ଓ ପ୍ରଦୂଷଣ ହ୍ରାସ
- ଗଙ୍ଗା ଅବବାହିକାରେ ଥିବା ୫ ରାଜ୍ୟ ପାଇଁ ଖର୍ଚ୍ଚ ହେବ ୨୦ ହଜାର କୋଟି

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଉତର ପ୍ରଦେଶର କାନପୁରଠାରେ ରାଷ୍ଟ୍ରୀୟ ଗଙ୍ଗା ପରିଷଦର ପ୍ରଥମ ବୈଠକରେ ଅଧ୍ୟକ୍ଷତା କରିଛନ୍ତି ।

ଗଙ୍ଗା ଓ ଏହାର ଉପନଦୀଗୁଡିକ ସହିତ ଗଙ୍ଗା ଅବବାହିକାର ପୁନରୁଦ୍ଧାର ଏବଂ ଏହାକୁ ପ୍ରଦୂଷଣ ମୁକ୍ତ କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ପରିଷଦ ଉପରେ ନ୍ୟସ୍ତ କରାଯାଇଛି। ପରିଷଦର ପ୍ରଥମ ବୈଠକର ଲକ୍ଷ୍ୟ ଥିଲା ସଂପୃକ୍ତ ରାଜ୍ୟ ତଥା କେନ୍ଦ୍ରୀୟ ମନ୍ତ୍ରଣାଳୟରେ ଏକ ଗଙ୍ଗା କୈନ୍ଦ୍ରୀକ ଦୃଷ୍ଟିକୋଣର ଗୁରୁତ୍ୱକୁ ଦୃଢ଼ିଭୂତ କରିବା।

ଆଜିର ବୈଠକରେ ଜଳଶକ୍ତି, ପରିବେଶ, କୃଷି ଓ ଗ୍ରାମୀଣ ବିକାଶ, ସ୍ୱାସ୍ଥ୍ୟ, ସହରାଂଚଳ ବିକାଶ, ଶକ୍ତି, ପର୍ଯ୍ୟଟନ, ଜାହାଜ ଚଳାଚଳ ଆଦି ମନ୍ତ୍ରଣାଳୟର କେନ୍ଦ୍ରମନ୍ତ୍ରୀ, ଉତର ପ୍ରଦେଶ ଓ ଉତରାଖଣ୍ଡର ମୁଖ୍ୟମନ୍ତ୍ରୀ, ବିହାରର ଉପ-ମୁଖ୍ୟମନ୍ତ୍ରୀ, ନୀତି ଆୟୋଗର ଉପାଧ୍ୟକ୍ଷ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ପଶ୍ଚିମବଙ୍ଗରୁ କୌଣସି ପ୍ରତିନିଧି ଉପସ୍ଥିତ ନଥିବା ବେଳେ ବର୍ତମାନ ଚାଲୁ ରହିଥିବା ନିର୍ବାଚନ ଓ ଆଚରଣ ବିଧି ସଂହିତା ହେତୁ ଝାଡଖଣ୍ଡରୁ କୌଣସି ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିନଥିଲେ।

ଏ ଦିଗରେ ହୋଇଥିବା କାର୍ଯ୍ୟର ଅଗ୍ରଗତି ସମୀକ୍ଷା ଓ ଗଙ୍ଗା ନଦୀକୁ ସଫା କରିବାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ 'ସ୍ୱଚ୍ଛତା', 'ଅବିରଳତା (ନିରନ୍ତର ପ୍ରବାହ)' ଏବଂ 'ନିର୍ମଳତା' ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଉପ ମହାଦେଶରେ ମା ଗଙ୍ଗା ହେଉଛନ୍ତି ପବିତ୍ରତମ ନଦୀ ଏବଂ ଏହାର ପୁନରୁଦ୍ଧାର ସହଯୋଗୀ ସଂଘୀୟ ବ୍ୟବସ୍ଥାର ଏକ ଉଜ୍ଜ୍ୱଳତମ ଉଦାହରଣ ହେବ ବୋଲି ପ୍ରଧାନମନ୍ତ୍ରୀ ଦୃଷ୍ଟିପାତ କରିଥିଲେ। ସେ କହିଲେ ଯେ ଗଙ୍ଗା ନଦୀର ପୁନରୁଦ୍ଧାର କରିବା ହେଉଛି ଦେଶ ପାଇଁ ଦୀର୍ଘ ଦିନରୁ ପଡି ରହିଥିବା ଏକ ଆହ୍ୱାନ। ସେ ଦର୍ଶାଇଥିଲେ ଯେ ସରକାର ୨୦୧୪ରେ 'ନମାମି ଗଙ୍ଗେ' କାର୍ଯ୍ୟକ୍ରମ ଆରମ୍ଭ କରିବା ପରଠାରୁ ଅନେକ କିଛି ସଫଳତା ହାସଲ କରାଯାଇଛି। ପ୍ରଦୂଷଣ ଦୂର କରିବା, ଗଙ୍ଗାର ସଂରକ୍ଷଣ ଏବଂ ପୁନରୁଦ୍ଧାର ଆଦି ଲକ୍ଷ୍ୟରେ ବିଭିନ୍ନ ସରକାରୀ ପଦକ୍ଷେପ ଓ କାର୍ଯ୍ୟଧାରାକୁ ସମନ୍ୱିତ କରିବା ପାଇଁ ବ୍ୟାପକ ଭାବେ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାର ପ୍ରମୁଖ ସଫଳତା ମଧ୍ୟରେ ରହିଛି କାଗଜ କଳରୁ ବର୍ଜ୍ୟବସ୍ତୁ ନିର୍ଗମନ ଶୂନ୍ୟ ସ୍ତରକୁ ଆଣିବା ଏବଂ ଚମଡା କାରଖାନାରୁ ସୃଷ୍ଟି ପ୍ରଦୂଷଣ ହ୍ରାସ। ମାତ୍ର ଏ କ୍ଷେତ୍ରରେ ଅଧିକ କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଛି ।ନଦୀରେ ପ୍ରଚୁର ଓ ଅବିରାମ ଜଳ ପ୍ରବାହ ସୁନିଶ୍ଚିତ କରିବା ପାଇଁ ଗଙ୍ଗା ପ୍ରବାହିତ ୫ଟି ରାଜ୍ୟକୁ ୨୦୧୫-୨୦ ମଧ୍ୟରେ ୨୦,୦୦୦ କୋଟି ଟଙ୍କା ପ୍ରଦାନ କରିବା ନେଇ କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ସଂକଳ୍ପ ନେଇଥିଲେ। ବିଶେଷ କରି ନୂତନ ବର୍ଜ୍ୟଜଳ ବିଶୁଦ୍ଧିକରଣ କାରଖାନା ନିର୍ମାଣ କରିବା ପାଇଁ ଏପର୍ଯ୍ୟନ୍ତ ୭୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସାରିଛି ।ଗଙ୍ଗା ପୁନରୁଦ୍ଧାର ପ୍ରକଳ୍ପକୁ ଅନୁଦାନ ପ୍ରଦାନ କରିବା ପାଇଁ ବ୍ୟକ୍ତିବିଶେଷ, ପ୍ରବାସୀ ଭାରତୀୟ, କର୍ପୋରେଟ କ୍ଷେତ୍ର ଆଦିଙ୍କଠାରୁ ଅନୁଦାନ ଗ୍ରହଣ କରିବା ପାଇଁ ସରକାର ସ୍ୱଚ୍ଛ ଗଙ୍ଗା ପାଣ୍ଠି (ସିଜିଏଫ) ପ୍ରତିଷ୍ଠା କରିଛନ୍ତି। ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ସିଜିଏଫକୁ ୧୬.୫୩ କୋଟି ଟଙ୍କା ଦାନ କରିଛନ୍ତି। ୨୦୧୪ ମସିହାଠାରୁ ସେ ପାଇଥିବା ଉପହାରଗୁଡିକର ନିଲାମ ଏବଂ ସିଓଲ ଶାନ୍ତି ପୁରସ୍କାର ବାବଦରେ ପାଇଥିବା ଅର୍ଥରାଶିକୁ ସେ ଏହି ଅନୁଦାନ ପାଣ୍ଠିକୁ ପ୍ରଦାନ କରିଛନ୍ତି।

ପ୍ରଧାନମନ୍ତ୍ରୀ ଏକ ବ୍ୟାପକ ଚିନ୍ତାଧାରାର ପ୍ରକ୍ରିୟା ପାଇଁ ଆହ୍ୱାନ ଦେଇଛନ୍ତି ଯାହାଦ୍ୱାରା 'ନମାମି ଗଙ୍ଗେ' 'ଅର୍ଥ ଗଙ୍ଗା' କିମ୍ବା ଗଙ୍ଗା ସମ୍ପର୍କିତ ଅର୍ଥନୈତିକ କାର୍ଯ୍ୟଧାରା କେନ୍ଦ୍ରୀଭୂତ ଏକ ସ୍ଥାୟୀ ବିକାଶ ମଡେଲରେ ପରିବର୍ତିତ ହେବ। ଏହି ପ୍ରକ୍ରିୟାର ଅଂଶବିଶେଷ ଭାବେ ଶୂନ୍ୟ ବଜେଟ ଚାଷ, ଫଳ ଚାଷ, ଗଙ୍ଗା କୂଳରେ ନର୍ସରୀ ସୃଷ୍ଟି ସହ ସ୍ଥାୟୀ କୃଷି କାର୍ଯ୍ୟ କରିବା ପାଇଁ କୃଷକ ମାନଙ୍କୁ ଉତ୍ସାହିତ କରାଯିବା ଉଚିତ। ଏହି କାର୍ଯ୍ୟକ୍ରମ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ସଙ୍ଗଠନକୁ ପ୍ରାଥମିକତା ଦିଆଯାଇପାରେ। ଏହି କାର୍ଯ୍ୟକ୍ରମ ସହିତ ଜଳ କ୍ରୀଡା, କ୍ୟାମ୍ପ କ୍ଷେତ୍ରର ବିକାଶ, ସାଇକେଲ ଚାଳନା ଓ ପାଦ ଚଲା ରାସ୍ତା ଆଦି ଭିତିଭୂମିର ବିକାଶ ଦ୍ୱାରା ନଦୀ ଅବବାହିକାରେ ଧାର୍ମିକ ଏବଂ ଦୁଃସାହାସିକ ପର୍ଯ୍ୟଟନର ସମ୍ଭାବନା ବୃଦ୍ଧି ପାଇବ । ଇକୋ-ପର୍ଯ୍ୟଟନ, ଗଙ୍ଗା ବନ୍ୟଜୀବ ସଂରକ୍ଷଣ ଓ କ୍ରୁଜ ପର୍ଯ୍ୟଟନରୁ ଆୟକୁ ଗଙ୍ଗାର ସ୍ୱଚ୍ଛତା କାର୍ଯ୍ୟ ପାଇଁ ସ୍ଥାୟୀ ଆୟ ଭାବେ ବ୍ୟବହାର କରାଯାଇ ପାରିବ।

ନମାମି ଗଙ୍ଗେ ଏବଂ ଅର୍ଥ ଗଙ୍ଗେ ଅଧୀନରେ ଚାଲିଥିବା ବିଭିନ୍ନ ଯୋଜନା ଏବଂ ପଦକ୍ଷେପ ଅନ୍ତର୍ଗତ ଚାଲିଥିବା କାର୍ଯ୍ୟର ପରିଚାଳନା ପାଇଁ ଡିଜିଟାଲ ଡ୍ୟାସବୋର୍ଡ ପ୍ରତିଷ୍ଠା କରିବା ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଥିରେ ନୀତି ଆୟୋଗ ଏବଂ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଗ୍ରାମ ଏବଂ ସହରାଂଚଳ ଗୁଡ଼ିକର ତଥ୍ୟକୁ ଦୈନନ୍ଦିନ ଭିତିରେ ପରିଚାଳନା କରାଯିବ। ପ୍ରଧାନମନ୍ତ୍ରୀ ମଧ୍ୟ କହିଲେ ଯେ ଆକାଂକ୍ଷୀ ଜିଲ୍ଲାମାନଙ୍କ ଭଳି, ନମାମି ଗଙ୍ଗେ ଯୋଜନା ଅନ୍ତର୍ଗତ ପରିଚାଳନା କାର୍ଯ୍ୟ ପାଇଁ ଗଙ୍ଗା ସୀମାରେ ଥିବା ସମସ୍ତ ଜିଲ୍ଲା ଗୁଡ଼ିକୁ କେନ୍ଦ୍ରୀଭୂତ ଅଂଚଳରେ ପରିଣତ କରାଯିବା ଉଚିତ।

ଏହି ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ଦିବଙ୍ଗତ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଚନ୍ଦ୍ରଶେଖର ଆଜାଦ କୃଷି ବିଶ୍ୱବିଦ୍ୟାଳୟଠାରେ 'ନମାମି ଗଙ୍ଗେ' ପ୍ରକଳ୍ପକୁ ନେଇ ଏକ ପ୍ରଦର୍ଶନୀ ବୁଲି ଦେଖିଥିଲେ। ପରେ ପ୍ରଧାନମନ୍ତ୍ରୀ ଅଟଳ ଘାଟ ଯାଇଥିଲେ ଏବଂ ଶିଶାମାଉ ନାଳର ସମ୍ପୂର୍ଣ୍ଣ ସଫେଇ କାର୍ଯ୍ୟକୁ ତଦାରଖ କରିଥିଲେ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆୟୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ନଟବର ମହାପାତ୍ରଙ୍କର ବିୟୋଗରେ ଶୋକ

ଚଣ୍ଡିଖୋଲ, ୧୪/୧୨(ପି.ଏନ.)- ଚଣ୍ଡିଖୋଲ ଛକ ସନ୍ନିକଟ ସମ୍ବନ୍ଧୀୟ କ୍ଷେତ୍ରପାଳ ଗ୍ରାମର ସମାଜସେବୀ ନଟବର ମହାପାତ୍ରଙ୍କର ବିୟୋଗରେ ଗଭୀର ଶୋକ ଖେଳ ଯାଇଛି। ମାର୍ଗଶିର ମାସ ଗୁରବାର ପୂର୍ଣ୍ଣମୀ ଦିନ ତାଙ୍କର ବିୟୋଗ ନିଜ ବାସ ଭବନରେ ହୋଇଯାଇଥିଲା। ସେ ନିଜ ଗ୍ରାମର ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହିତ କଂଟିଗାଡିଆ, ନେଉଳପୁର, କ୍ଷେତ୍ରପାଳ ପଂଚାୟତର ସବୁ ଗ୍ରାମର ଲୋକମାନଙ୍କ ସହିତ ସୁସମ୍ପର୍କ ରହିଥିଲା। ନିଜ ଗ୍ରାମର ଉନ୍ନୟନ ପାଇଁ ରାଜନେତା ମାନଙ୍କ ସହ ସମ୍ପର୍କ ରଖି କାର୍ଯ୍ୟ ହାସଲ କରୁଥିଲେ। ତାଙ୍କର ବିୟୋଗ ସମୟରେ ତାଙ୍କ ଧର୍ମପତ୍ନୀ ଓ ତାଙ୍କ ଦୁଇ ପୁତ୍ର ଓ ବୋହୁ ମାନେ ସେଠାରେ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ଯାଜପୁର ଜିଲ୍ଲା ବିଜେଡି ସଂପାଦକ ଡ.ପ୍ରିୟନାଥ ମହାପାତ୍ର ଧର୍ମଶାଳା ବିଜେଡି ସଭାପତି ନିରଞ୍ଜନ ବଳ, ସରପଂଚ ଶାନ୍ତିଲତା ସାହୁ, ପ୍ରାକ୍ତନ ସରପଂଚ କହ୍ନୁଚରଣ ଜେନା, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ସାମଲ, ସୁରେନ୍ଦ୍ର ନାୟକ, ଗଙ୍ଗାଧର ନାୟକ , ରବୀନ୍ଦ୍ର ଜେନା, ଯତୀନ୍ଦ୍ର ମହାପାତ୍ର, ଜଗନ୍ନାଥ ସାମନ୍ତରାୟ, ଅଭିରାମ ସାମନ୍ତରାୟ, ସୁଧିର ଚନ୍ଦ୍ର ଖଣ୍ଡାଇ ଓ ଚଣ୍ଡିଖୋଲ ବଜାରର ବ୍ୟବସାୟୀ ମାନେ ଓ ଗୁରୁକୁଳ ପବ୍ଲିକ ସ୍କୁଲର ଶିକ୍ଷକ ସିକ୍ଷୟତ୍ରୀ ପ୍ରମୁଖ ସେଠାରେ ପହଂଚି ତାଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଗଭୀର ଶୋକ ପ୍ରକାଶ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ଭୀତର ଦେଇ ଶହ ଶହ ସଂଖ୍ୟାରେ ତାଙ୍କୁ ଭଲ ପାଉଥିବା ବ୍ୟକ୍ତି ମାନେ ନେଇ ଶ୍ମଶାନ ଠାରେ ପହଂଚାଇଥିଲେ। ତାଙ୍କର ପୁତ୍ର ଚିତରଞ୍ଜନ ମହାପାତ୍ର ମୁଖାଗ୍ନି ଦେଇଥିଲେ। ନଟବର ମହାପାତ୍ରଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅମର ପ୍ରସାଦ ଶତପଥି, ପ୍ରାକ୍ତନ ବିଧାୟକ ଗୁରୁଚରଣ ଟିକାୟତ, ଧର୍ମଶାଳା ପଂଚାୟତ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସାମ୍ବାଦିକ ଶିବରାମ ସାହୁ, ପ୍ରସନ୍ନ ବିଶ୍ୱାଳ, ଶୁଶାନ୍ତ ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କ ପରିବାର ପ୍ରତି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ।

# ସ୍କୋର୍ପିଓରେ ଚୋରି ହେଉଛି ଗାଈ

ବାଲେଶ୍ୱର, ୧୪/୧୨(ପିଏନ): ବିଭିନ୍ନ ସମୟରେ ବାଲେଶ୍ୱରରୁ ଗୋ' ଚାଲାଣ ହେଉଥିବା ଅଭିଯୋଗ ହେଉଥିବା ବେଳେ ଦିନକୁ ଦିନ ବାଲେଶ୍ୱର ସହରରେ ଗୋରୁ ଚୋରମ୍ପଧ ହେଉଛି । ରାତି ଅଧରେ ଚୋରମାନେ ବୋଲେରରେ ଆସି ବୁଲା ଗୋରୁଙ୍କୁ ଓଠେଇ ନେଇ ଚାଲି ଯାଉଛନ୍ତି। ଏହିପରି ଏକ ଘଟଣା ଘଟିଛି ସହରର ଭୋଇସାହି ଅଞ୍ଚଳରେ ୧୦ ତାରିଖ ବିଳମ୍ବିତ ରାତିରେ । ଗୋଟିଏ ବୋଲେରରେ ଦୁଇଜଣ ଯୁବକ ଆସି ନିର୍ଦ୍ଦୟ ଭାବରେ ଗାଈକୁ ଧରିବା ସହ ଗୋଇଠା ମାରି ବୋଲେରୋ ଭିତରେ ନେଇଯାଉଥିବା ଦୃଶ୍ୟ ନିକଟରେ ଥିବା ଦୋକାନର ସିସି ଟିଭିରେ କଏଦ୍ ହୋଇଛି । ଏହି ଘଟଣା ଯୋଗୁଁ ଗାଈ ରଖିଥିବା ମାଲିକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି । ତେବେ କଥା ହେଉଛି ବେଧଡକ ଭାବେ ଏଭଳି ଗାଈ ଚୋରି ହେଉଥବା ବେଳେ ପୁଲିସ କରୁଛି କ'ଣ ? ପୂର୍ବରୁ ଅନେକ ଥର ଏଭଳି ଗୋରୁ ଚୋରି ହୋଇଥିବା ବେଳର ସିସି ଟିଭି ଚିତ୍ର ମଧ୍ୟ ଭାଇରାଲ ହୋଇଥିଲା । ଗାଡିକୁ ଧରିବାକୁ ତଥା ଏଭଳି ଗୋରୁ ଚୋରି ରୋକି ଗୋ' ଚାଲାଣ ବନ୍ଦ କରିବାକୁ ଦାବି ହେଉଛି ।

## ଉପଜିଲ୍ଲାପାଳଙ୍କ ବାରଣ ସତ୍ତ୍ୱେ ଚାଲିଛି ମୋବାଇଲ ଟାୱାର ନିର୍ମାଣ

ବାଲେଶ୍ୱର, ୧୪/୧୨(ପିଏନ): ସଦର ତହସିଲ ଅଧିନସ୍ଥ ଭୀମପୁରାର ଜନବସତିରେ ମୋବାଇଲ ଟାୱାରକୁ ନେଇ ବିବାଦ ଦେଖା ଦେଇଛି । ଏ ନେଇ ଉପଜିଲ୍ଲାଳଙ୍କ ତଦନ୍ତ ପାଇଁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ସମ୍ପୃକ୍ତ ଗ୍ରାମରେ ଅସନ୍ତୋଷ ଦେଖା ଦେଇଛି । ସୂଚନା ଅନୁଯାୟୀ ଭୀମପୁରା ଗ୍ରାମରେ ଏକ ଘୋରଇ କମ୍ପାନୀ ପକ୍ଷରୁ ମୋବାଇଲ ଟାୱାର ଆରମ୍ଭ ହୋଇଛି । ଗାଁ ଭିତରେ ଟାୱାର ରହିଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ରେଡିଏସନ୍ ଯୋଗୁଁ ଗାଁରେ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ସମ୍ଭାବ୍ୟ ବିପଦକୁ ଲକ୍ଷ୍ୟ କରି ଗାଁର କିଛି ଲୋକ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସଦର ତହସିଲଦାରଙ୍କୁ ପଦକ୍ଷେପ ନେବାକୁ ଚିଠି ନଂ. ୯୭୭/୧୧.୧୨.୨୦୧୯ ରେ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସଦର ତହସିଲ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଫଳରେ ପୁଣି ଅଭିଯୋଗ କରିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସଦର ଥାନାଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି । ଅଭିଯୋଗକାରୀ ଉପଜିଲ୍ଲାପାଳଙ୍କ ଚିଠି ନେଇ ନିର୍ମାଣକାରୀ ସଂସ୍ଥାକୁ କାର୍ଯ୍ୟବନ୍ଦ କରିବାକୁ କହିଥିଲେ ମଧ୍ୟ ସଂସ୍ଥା ଏହାକୁ ଭ୍ରୁକ୍ଷେପ କରୁନାହିଁ ବୋଲି ଅଭିଯୋଗ ହୋଇଛି । ଏ ବାବଦରେ ଗାଁରେ ଅସନ୍ତୋଷ ସୃଷ୍ଟି ହୋଇଥିବାରୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଦୁଇ ବର୍ଷ ଧରି ଅଧାରେ ରହିଛି ଦୁଇ ପାନୀୟ ଜଳ ପ୍ରକଳ୍ପ

ବାଲେଶ୍ୱର, ୧୪/୧୨(ପିଏନ): ବସ୍ତା ବ୍ଲକ ନଟାକଟା ପଞ୍ଚାୟତରେ ଦୁଇଟି ପାନୀୟ ଜଳ ପ୍ରକଳ୍ପ ଅର୍ଦ୍ଧନିର୍ମିତ ଭାବେ ରହିଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଏହି ପଞ୍ଚାୟତର ଲୋକସଂଖ୍ୟା ୩ ହଜାରୁ ଉର୍ଦ୍ଧ୍ୱ । ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଇପ୍ ବିଛା ଓ ବିଦ୍ୟୁତ୍ ସଂଯୋଗ ବାକି ରହି ଏବେ କାମ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭାନ୍ଦିପୁର, ହ୍ରଦମଉଦ, ପାଣିନଗର, ନରଣପୁର ଗ୍ରାମର ଗ୍ରାମବାସୀମାନେ ଉପକୃତ ହେବେ ବୋଲି ସରପଞ୍ଚ ରବିନ୍ଦ୍ର କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏହି ସମସ୍ୟା ପାଇଁ ବସ୍ତା ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ଅଭିଯୋଗ କରିଥିଲେ । ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା ହେଉନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ।

## ଆଦର୍ଶ ବିଦ୍ୟାଳୟରେ ଅନିୟମିତତା

ବାଲେଶ୍ୱର, ୧୪/୧୨(ପିଏନ): ସରକାରୀ ସ୍କୁଲରେ ଶିକ୍ଷାର ମାନ ବଢାଇବା ପାଇଁ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେଉଛି । ତେବେ ବାଲେଶ୍ୱର ଜିଲ୍ଲା ଔପଦା ଅଞ୍ଚଳର ଆଦର୍ଶ ବିଦ୍ୟାଳ.ରେ ଅନିୟମିତତା ଅଭିଯୋଗ ହୋଇଛି । ଔପଦାରେ ୨ କୋଟି ୮୦ ଲକ୍ଷ ୨୨ ହଜାର ଟଙ୍କାରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହୋଇଥିଲା । ତେବେ ନିର୍ମାଣ କାର୍ଯ୍ୟ ୯୦ ଭାଗ ସରିଯାଇଥିବା ବେଳେ ଏବେ ବନବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି । ପ୍ରଥମେ ବିଦ୍ୟାଳୟ କରିବାକୁ ଅନୁମତି ଦେଇ ଏବେ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି । ତେବେ ସରକାର ଏହାକୁ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ହୋମିଓପାଥି ଦ୍ୱାରା ଆପଣଙ୍କ ପିଲାକୁ ସୁରକ୍ଷିତ ରଖନ୍ତୁ

ଭୁବନେଶ୍ୱର: ଏକାକୀ ଆମେରିକାରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ହୋମିଓପାଥି ବ୍ୟବହାର କରନ୍ତି। ଭାରତରେ ୧୦ କୋଟିରୁ ଅଧିକ ଲୋକ ହୋମିଓପାଥି ମାଧ୍ୟମରେ ଚିକିତ୍ସିତ ହୋଇଛନ୍ତି, ଯେଉଁଥିରେ ରହିଛନ୍ତି ଅଧିକ ସଂଖ୍ୟକ ମହିଳା ଓ ପିଲାମାନେ। କାରଣ ଏହା ପିଲାମାନଙ୍କଠାରେ ଦେଖାଯାଉଥିବା ଇନ୍‌ଫାଣ୍ଟାଇଲ୍ କୋଲିକ୍, ସହଜ ଦନ୍ତ ଯନ୍, ଡେଣ୍ଟିସନ୍ ଡାଏରିଆ, ଶ୍ୱାସ ରଖି ଉଚ୍ଚାରଣ କରିବା ଓ ଅନ୍ୟାନ୍ୟ ସମସ୍ୟା ନିମନ୍ତେ ଏକ ଅନୁମୋଦିତ ସମାଧାନ ଅଟେ। ଏହା ରୋଗ ପ୍ରତିରୋଧକ ଶକ୍ତି ଗଠନ କରିଥାଏ। ତେଣୁ ପିଲାଦିନୁ ଏହାକୁ ଆରମ୍ଭ କରିବା ହୋମିଓପାଥି ଗ୍ରହଣ କରିବାର ଉତ୍କୃଷ୍ଟ ସମୟ ଅଟେ। ଗତ ୩୦ ବର୍ଷରୁ ଅଧିକ ସମୟ ଧରି ଡା ବାତ୍ରା ୧୫ ଲକ୍ଷ ରୋଗୀଙ୍କୁ ଭଲ କରିଛନ୍ତି, ଯେଉଁମାନଙ୍କ ମଧ୍ୟରେ ୪୦,୦୦୦ ରୋଗୀ ୧୨ ବର୍ଷରୁ କମ୍ ବୟସର ଅଟନ୍ତି। ସେମାନଙ୍କ ମଧ୍ୟରୁ ହୋମିଓପାଥି ଚିକିତ୍ସା ମାଧ୍ୟମରେ ୯୩% ରୋଗୀ କେଶ, ଚର୍ମ, ଶ୍ୱାସକ୍ରିୟା, ଆଲର୍ଜି, ନିମ୍ନ ପ୍ରତିରୋଧକ ଶକ୍ତି, ଆସ୍ଥମା ଓ ଆହୁରି ଅନେକ ସମସ୍ୟାରୁ ଉତ୍ତମ ଫଳାଫଳ ପାଇଛନ୍ତି।

ପିଲାମାନଙ୍କର ଚିକିତ୍ସା ପାଇଁ ହୋମିଓପାଥିର କାର୍ଯ୍ୟଦକ୍ଷତା ବିଷୟରେ ଡା. ମୁକେଶ ବାତ୍ରା, ପଦ୍ମଶ୍ରୀ ଗ୍ରହିତା ଓ ପ୍ରତିଷ୍ଠାତା, ଡା ବାତ୍ରାଜ୍ ଗ୍ରୃପ୍ ଅଫ୍ କମ୍ପାନୀଜ୍ ପ୍ରକାଶ କରିଛନ୍ତି, "ପିଲାମାନେ ଆମକୁ 'କ୍ୟାଣ୍ଡି ଡାକ୍ତର' କୁହନ୍ତି, କାରଣ ମିଠା ଗୁଳି ଦ୍ୱାରା ପିଲାଦିନେ ସେମାନଙ୍କର ଅନେକ ଚିକିତ୍ସା କରାଯାଇଥାଏ। ଭାରତରେ ଅଧିକାଂଶ ପିଲାଙ୍କୁ ପ୍ରତିରୋଧକ ଶକ୍ତିର ଅଭାବରୁ ରୋଗ ହେଉଛି। ହୋମିଓପାଥି ମୂଳ ସ୍ତରରୁ ଚିକିତ୍ସା କରିଥାଏ ଓ ରୋଗ ପ୍ରତିରୋଧକ ଶକ୍ତିକୁ ଗଠନ କରିଥାଏ।"

ଶିଶୁ ଦିବସ ପାଳନ କରିବା ପାଇଁ ଡା. ବାତ୍ରାଜ୍ ୧୨ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରୁଛି। ଏହି ସେବା ଗୁଡ଼ିକୁ ଉପଲବ୍ଧ କରିବା ପାଇଁ ଆପଣଙ୍କର ନୀକଟତର ଡା. ବାତ୍ରାଜ୍ କ୍ଲିନିକ୍‌କୁ ଯାଆନ୍ତୁ କିମ୍ବା ଆଜି ହିଁ ୯୧୬୭୭୯୧୬୭୭କୁ ଯୋଗାଯୋଗ କରନ୍ତୁ। ଏହି ଅଫର୍ କେବଳ ୩୦ ନଭେମ୍ବର ୨୦୧୯ ପର୍ଯ୍ୟନ୍ତ ଉପଲବ୍ଧ।

## ୟୁନିଅନ୍ ଆସେଟ୍ ମ୍ୟାନେଜମେଂଟ୍ କଂପାନି ପ୍ରାଇଭେଟ୍ ଲିମିଟେଡ୍ (ୟୁନିଅନ୍ ଏଏମସି) ତରଫରୁ ୟୁନିଅନ୍ ଲାର୍ଜ ଆଣ୍ଡ୍‌ମିଡ୍‌କ୍ୟାପ୍ ଫଣ୍ଡ୍‌ର ଉନ୍ମୋଚନ

ଭୁବନେଶ୍ୱର: ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଜାପାନର ଡାଇ-ଇଚି ଲାଇଫ୍ ହୋଲ୍‌ଡିଂସ୍‌ର ସହଯୋଗୀ ସଂସ୍ଥା ୟୁନିଅନ୍ ଆସେଟ୍ ମ୍ୟାନେଜମେଂଟ୍ କଂପାନି ତରଫରୁ ୟୁନିଅନ୍ ଲାର୍ଜ ଆଣ୍ଡ ମିଡ୍ କ୍ୟାପ୍ ଫଣ୍ଡ୍‌ର ଉନ୍ମୋଚନ ବିଷୟରେ ଘୋଷଣା କରାଯାଇଛି ।ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଯେଉଁଥିରେ ଉଭୟ ଲାର୍ଜକ୍ୟାପ୍ ଓ ମିଡ୍ କ୍ୟାପ୍ ଷ୍ଟକ୍ ରେ ନିବେଶ କରାଯାଇଥାଏ।

ନୂଆ ଫଣ୍ଡ୍ ଅଫର (ଏନ୍‌ଏଫ୍‌ଓ) ୨୦୧୯ ନଭେମ୍ବର ୧୫ରୁ ଉନ୍ମୁକ୍ତ ହୋଇଛି ଯାହା ୨୯ ନଭେମ୍ବର ୨୦୧୯ରେ ବନ୍ଦ ହେବ। ୨୦୧୯ ଡିସେମ୍ବର ୬ରେ ଆବଂଟନ କରାଯିବା ଏବଂ ଏହା ପୁଣି ଥରେ ବିକ୍ରି ପାଇଁ ଓ ପୁନଃ କିଣିବା ଲାଗି ୨୦୧୯ ଡିସେମ୍ବର ୧୩ରେ ଉପଲବ୍ଧ ହେବ ।ଏହି ସ୍କିମ୍‌କୁ ଏସ୍‌ଆଣ୍ଡ୍‌ପିବିଏସଇ ୨୫୦ ଲାର୍ଜ ମିଡ କ୍ୟାପ ଇଣ୍ଡେକ୍ସ (ଟିଆରଆଇ)ରେ ବେଂଚମାର୍କ କରାଯାଇଛି ଏବଂ ଏହାକୁ ପରିଚାଳନା କରିବେ ବିନୟ ପାହାଡ଼ିଆ, ଚିଫ ଇନଭେଷ୍ଟମେଂଟ ଅଫିସର, ୟୁନିଅନ ଏଏମସି । ଏଥିପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ନିବେଶରାଶ ହେଉଛି ୫୦୦୦ ଟଙ୍କା ଏବଂ ତା' ପରେ ୧ ଟଙ୍କାର ଗୁଣିତକ ହିସାବରେ। ଏହି ସ୍କିମ୍‌ରେ ମୁଖ୍ୟତଃ ଲାର୍ଜ ଓ ମିଡକ୍ୟାପ କଂପାନି ଗୁଡ଼ିକର ଇକ୍ୱିଟି ଓ ଇକ୍ୱିଟି ସଂପର୍କିତ ଉପକରଣରେ ନିବେଶ କରାଯିବ ।ସକ୍ରିୟ ପରିଚାଳନା ରଣନୀତି ସହିତ ଚତୁର ଆବଂଟନ ଜରିଆରେ ଏହିସ୍କିମ୍‌କୁ ପରିଚାଳନା କରାଯିବ।

ଶ୍ରୀଯୁକ୍ତଜି ପ୍ରଦୀପ କୁମାର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ), ୟୁନିଅନ ଆସେଟ ମ୍ୟାନେଜମେଂଟ କଂପାନି ପ୍ରାଇଭେଟ ଲିମିଟେଡ କହିଛନ୍ତି ଯେ, "ଆମର ବିଶ୍ୱାସ ରହିଛି ଯେ ଭାରତୀୟ ଇକ୍ୱିଟି ବଜାରର ମୂଲ୍ୟାୟନ ଏବେ ଯୁକ୍ତିଯୁକ୍ତ ରହିଛି। ୨୦୨୫ ସୁଦ୍ଧା ଭାରତକୁ ୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ଭାରତ ସରକାରଙ୍କ ତରଫରୁ ନିଆଯାଇ ଥିବା ବିଭିନ୍ନ ପଦକ୍ଷେପ ବିଶେଷକରି ଇକ୍ୱିଟି ବଜାରକୁ ବଢ଼ାଇବାରେ ସହାୟକ ହୋଇଛି। ବିଭିନ୍ନ ପ୍ରକାର ନିବେଶ ଆବଶ୍ୟକତା ଲାଗି ନିବେଶକ ଙ୍କ ନିମନ୍ତେ ୱାନ୍ ଷ୍ଟପ୍ ସପ୍ ହେବା କୁ ଲକ୍ଷ୍ୟ ରଖିଥିବା ୟୁନିଅନ୍ ଏଏମସିର ଦୀର୍ଘ ମିଆଦୀ ଯୋଜନା ସହିତ ଏହା ବେଶ ଖାପଖାଉଛି। ଆମ ଗବେଷଣାରୁ ଆମେ ଜାଣିପାରିଛୁ ଯେ ମୋଟ ଘରୋଇ ଉତ୍ପାଦରେ ହେଉଥିବା ଅଭିବୃଦ୍ଧିର ଅନ୍ୟତମ ସବୁଠୁ ବଡ଼ଲାଭ ପାଇ ବେଲ୍ଟୁଚିପ ଓ ଇମର୍ଜିଂ ବ୍ଲୁଚିପ୍ କଂପାନି। ତେଣୁ, ଏଭଳି ଏକ ନିବେଶ ରଣନୀତିର ଅଂଶ ହେବା ପାଇଁ ନିବେଶକ ଙ୍କ ପାଖରେ କାରଣ ରହିଛି।''

# ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ



ଚଣ୍ଡିଖୋଲ, ୧୪/୧୨(ପିଏନ)- ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିନସ୍ଥ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଗତ ନଭେମ୍ବର ୨୦ତାରିଖରୁ ଚାଲି ଆସୁଥିବା ବାଳିକା ଆତ୍ମରକ୍ଷା କୌଶଳ ଶିବିର ଆଜି ଉଦଯାପିତ ହୋଇଛି। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସତ୍ୟବ୍ରତ ପୃଷ୍ଟି ବର୍ତ୍ତମାନ ସମୟରେ ଦେଶରେ ମହିଳା ଓ ଶିଶୁ ମାନଙ୍କ ଉପରେ ଯୌନ ନିର୍ଯ୍ୟାତନା, ଶୋଷଣ, ଅତ୍ୟାଚାର ବୃଦ୍ଧି ପାଉଛି ।ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତ୍ୟେକ ମହାବିଦ୍ୟାଳୟରେ ଛାତ୍ରୀ ମାନଙ୍କୁ ଦୁର୍ବୃତ୍ତ ଓ ଅସାମାଜିକ ବ୍ୟକ୍ତି ମାନଙ୍କ ମୁକାବିଲା କରିବା ଓ ଶସକ୍ତ ନିମନ୍ତେ ଆତ୍ମ ସୁରକ୍ଷା କୌଶଳ ପ୍ରଦାନ କରଚଛନ୍ତି। ଏହି ପରିପ୍ରେକ୍ଷିରେ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ୨ଶହ ଛାତ୍ରୀଙ୍କୁ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ସଂଯୋଜିକା ଡଃ ସରିତା ସେଠୀ, ସଂଯୋଜକ କିଶୋର କୁମାର ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷିକା ଭାବେ ଅଲିଭା ସେଠୀ, ଗୀତାଞ୍ଜଳି ନାୟକ ଛାତ୍ରୀ ମାନଙ୍କୁ ବିଭିନ୍ନ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ପବିତ୍ର ମୋହନ ମାହାଲା, ସମ୍ମାନୀୟ ଅତିଥି ଭାବେ ଅଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ବ୍ରଜକିଶୋର ସ୍ୱାଇଁ ବିମଳେନ୍ଦୁ ପଟନାୟକ, ସନାତନ ନାୟକ, ସତ୍ୟପ୍ରକାଶ ନାୟକ, ଭାଗ୍ୟଧର ନାୟକ, ପ୍ରମୁଖ ଯୋଗ ଦେଇ ବାଳିକା ଆତ୍ମ କୌଶଳ ଉପାଦେୟତା ଉପରେ ଆଲୋଚନା କରିଥିଲେ। ଛାତ୍ରୀ ପ୍ରିୟଙ୍କା ପଣ୍ଡା, ଶୁଭଶ୍ରୀ ଦାସ, ସମୀକ୍ଷା ଜେନା, ଅନସୂୟା ସେଠୀ, ଶୁଭଶ୍ରୀ ନାୟକ, କଳ୍ପନା ସାମଲ, ସୁଚିସ୍ମିତା ନାୟକ ପ୍ରମୁଖ ଆତ୍ମ ସୁରକ୍ଷା ସଂପର୍କିତ ବହୁ କୌଶଳ ପ୍ରଦର୍ଶନ କରିଥିଲେ।

# ବଡ଼ଚଣା ବ୍ଲକ ୩୮ତମ ଶିଶୁ ମହୋତ୍ସବ ଅନୁଷ୍ଠିତ



ଚଣ୍ଡିଖୋଲ, ୧୪/୧୨(ପିଏନ)- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିନସ୍ଥ ବାଇସି ମୌଜା ସ୍ଥିତ ଧନଞ୍ଜୟ ବିଦ୍ୟାପୀଠ ପରିସରରେ ବଡ଼ଚଣା ବ୍ଲକର ୩୮ ତମ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ସଭାପତି ଡଃ ସୁଧିର ଚନ୍ଦ୍ର ସାମଲ ପତାକା ଉତ୍ତୋଳନ କରିଥିବା ବେଳେ ବିଶିଷ୍ଟ ଶିକ୍ଷାବିତ ବିନାୟକ ନାୟକ ଉତ୍ସବକୁ ଉଦଘାଟନ କରିଥିଲେ। ଏଥିରେ ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିନସ୍ଥ ୪୧ଟି ଉଚ୍ଚ ବିଦ୍ୟାଳୟରୁ ୧୪୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ତର୍କ, ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି ଗଳ୍ପ ଲିଖନ, କବିତା ଲିଖନ, ଏକକ ଅଭିନୟ, ସାଧାରଣ ଜ୍ଞାନ, ବୁଦ୍ଧି ପରୀକ୍ଷା, ଏକକ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଡଃ ଭାଗ୍ୟଧର ସାହୁ, ରମେଶ ଚନ୍ଦ୍ର ସାମଲ, କିଶୋର ଚନ୍ଦ୍ର ଦାସ, ଯୋଗେନ୍ଦ୍ର ରାଉତ, ଲାଲବିହାରୀ ଜେନା, ଡଃ. କୈଳାସ ଚନ୍ଦ୍ର ବେହେରା, ଦୁଃଶାସନ ନାୟକ, ଭରତ ଚନ୍ଦ୍ର ଜେନା, ଅନିଲ କୁମାର ଦାସ ପ୍ରମୁଖ ମୁଲ୍ୟାୟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଡଃ ସୁଧୀର କୁମାର ସାମଲଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷକ ନେତା ବିନାୟକ ନାୟକ, ମୁଖ୍ୟ ବକ୍ତା ଭାବେ ଡଃ ଭାଗ୍ୟଧର ସାହୁ ସମ୍ମାନୀତ ଅତିଥି ଭାବେ ରତ୍ନାକର ପଣ୍ଡା, କିଶୋର ଚନ୍ଦ୍ର ଦାସ, ଅଜିତ ମହାନ୍ତି, ସୁଧାଂଶୁ ମୋହନ ରାଉତ, ବ୍ରଜକିଶୋର ବିଶ୍ୱାଳ ଯୋଗ ଦେଇଥିଲେ। ଏହି ଅବସରରେ ଯାଜପୁର ଜିଲା ଶିକ୍ଷା ଜିଲାରେ ସର୍ବୋଚ୍ଚ ୫୭୫ ନମ୍ବର ରଖିଥିବା ଛାତ୍ର ସତ୍ୟଜିତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକ ଓ ଶିକ୍ଷା କର୍ମୀଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବଡ଼ଚଣାର ସଂପାଦକ ଦୟାନିଧି ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏହି ଶିଶୁ ମହୋତ୍ସବକୁ ସତ୍ୟବାଦୀ ପଣ୍ଡା, ରଂଜନ କୁମାର ପଣ୍ଡା, ଲକ୍ଷ୍ମିଧର ରାଉତ, ରତ୍ନପ୍ରଭା ବିଶ୍ୱାଳ, ଭରତ ଚନ୍ଦ୍ର ଜେନା, ବାଇଧର ସାମଲ ସହଯୋଗ କରିଥିଲେ।

# ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ "ମହା ଲୋନ୍ ଧମାକା"ର ଶୁଭାରମ୍ଭ

ଭୁବନେଶ୍ୱର: ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଆଜି "ମହା ଲୋନ ଧମାକା" ଅଭିଯାନ ବିଷୟରେ ଘୋଷଣା କରାଯାଇଛି। ଏହା ହେଉଛି ଏକ ସ୍ୱତନ୍ତ୍ର ପ୍ରକାର ଶିବିର ଯେଉଁଠାରେ ତତ୍କାଳ ଋଣ ଆବଂଟନ ଓ ମଂଜୁର କରାଯିବ। ଏହି ଶିବିରକୁ ଗ୍ରାମାଂଚଳ, ଅର୍ଦ୍ଧ ସହରାଂଚଳରେ ଆୟୋଜନ କରାଯିବ। ବିଭିନ୍ନ କର୍ପୋରେଟ ସଂସ୍ଥା ପରିସରରେ ମଧ୍ୟ ଏହି ଶିବିର ଆୟୋଜନ କରାଯିବ ଯେଉଁଠାରେ ବ୍ୟାଙ୍କର ଗ୍ରାହକ ଓ ବ୍ୟାଙ୍କ ଗ୍ରାହକ ନଥିବା ଲୋକମାନେ ଋଣ ପାଇପାରିବେ। ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ସାରା ଦେଶରେ ଏଭଳି ୨୦୦୦ ମହା ଋଣ ଶିବିର ଆୟୋଜନ କରିବାକୁ ବ୍ୟାଙ୍କ ଯୋଜନା ରଖିଛି। ହୁଣ୍ଡାଇ ମୋଟର୍ସ ଲିମିଟେଡ ଇଣ୍ଡିଆ ସହଯୋଗରେ ଗ୍ରାମାଚଂଳ ଓ ଅର୍ଦ୍ଧ ସହରାଚଂଳରେ ଏହି ଶିବିର ଆୟୋଜନ କରାଯିବ। ପ୍ରତିଟି ଶିବିରକୁ ଦୁଇ ଦିନ ପାଇଁ ଆୟୋଜନ କରାଯିବ ଯେଉଁ ଠାରେ ଗ୍ରାହକମାନେ ଆବଶ୍ୟକ କାଗଜପତ୍ର ସହ ପହଂଚି ଋଣ ନେଇପାରିବେ। ଗୁଜରାଟର ବାନସକନ୍ଠା ଜିଲ୍ଲାର ଡୀସା ଠାରୁ ବ୍ୟାଙ୍କ ତରଫରୁ ପ୍ରଥମ ଶିବିର ଆୟୋଜନ କରି ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ବ୍ୟାଙ୍କ ତରଫରୁ ମହା ଋଣ ଶିବିରରେ ଦୁଇ ଚକିଆ, ଚାରି ଚକିଆ ଯାନ, ଟ୍ରକ, କୃଷି ଉପକରଣ, ଟ୍ରାକ୍ଟର, ବ୍ୟକ୍ତିଗତ ଋଣ, ସୁନା ଋଣ ଓ କିସାନ କ୍ରେଡିଟ କାର୍ଡ ପ୍ରଦାନ କରାଯିବ। ଶିବିର ଆୟୋଜନ କରାଯାଉଥିବା ଆଖପାଖ ଅଂଚଳ, ଗ୍ରାମ ଓ ନଗରର ଲୋକମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ। ବଡ଼ କର୍ପୋରେଟ ସଂସ୍ଥା ପରିସରରେ ଆୟୋଜନ କରାଯିବାକୁ ଥିବା ଶିବିରରେ ସେହିଠାରେ ତତ୍କାଳ ଗୃହ, ବ୍ୟକ୍ତିଗତ, ଦୁଇ ଚକିଆ, ଚାରି ଚକିଆ ଋଣ ଓ କ୍ରେଡିଟ କାର୍ଡ ମଂଜୁର କରାଯିବ। ଏହି ଅଭିଯାନ ବିଷୟରେ ଶ୍ରୀଯୁକ୍ତ ଅନୁପ ବାଗଚି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆଇସିଆଇସିଆଇ ବ୍ୟାଙ୍କ କହିଛନ୍ତି ଯେ, "ମହା ଋଣ ଧମାକାକୁ ଉନ୍ମୋଚନ କରି ଆମେ ଅତ୍ୟନ୍ତ ଆନନ୍ଦିତ। ଏହାର ଲକ୍ଷ୍ୟ ହେଉଛି ସାରା ଦେଶରେ ଲୋମାନଙ୍କ ପାଖରେ ସୁବିଧାରେ ଋଣ ପହଂଚାଇବା। ଏହି ଉଦ୍ୟମ ମାଧ୍ୟମରେ ଆମେ ଗ୍ରାମାଂଚଳ, ଅର୍ଦ୍ଧ ସହରାଚଂଳ ଓ କର୍ପୋରେଟ ସଂସ୍ଥାଗୁଡ଼ିକର ବେତନଭୋଗୀ କର୍ମଚାରୀମାନଙ୍କ ପାଖରେ ଆମର ସ୍ୱତନ୍ତ୍ର ତତ୍କାଳ ଋଣ ମଂଜୁର ଓ ଅନ ଦି ସ୍ପଟ୍ ଆପ୍ରୁଭାଲ୍ ସେବା ପହଂଚାଇବୁ। ଆମର ବିଶ୍ୱାସ ରହିଛି ଯେ ଆମେ ଫାଇନାନ୍ସ ଉପରେ ସ୍ୱତନ୍ତ୍ର ସୁବିଧା, ନିର୍ମାତାଙ୍କ ଠାରୁ ଗାଡ଼ି କିଣିବା ଉପରେ ସ୍ୱତନ୍ତ୍ର ଡିଲ୍ ଏବଂ ବଲିଉଡ ତାରକାଙ୍କୁ ଭେଟିବା ଭଳି ଅନେକ ସୁବିଧା ପ୍ରଦାନ କରିବୁ। ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ଆମେ ଏଭଳି ୨୦୦୦ ପାଖାପାଖି ଶିବିର ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛୁ।''

# କ୍ଲାସିକ୍ ଲିଜେଣ୍ଡସ୍‌ର ପ୍ରଥମ ବାର୍ଷିକୀ ପାଳନ; ଜାୱା ପେରାକ୍ ର ଉତ୍ପାଦନ ଭର୍ସନ ଉନ୍ମୋଚିତ

ମୁମ୍ବାଇ/ ଭୁବନେଶ୍ୱର : ଏବେଠାରୁ ଠିକ ଗୋଟିଏ ବର୍ଷ ପୂର୍ବରୁ କ୍ଲାସିକ୍ ମୋଟରସାଇକଲ୍ ସହିତ କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ ଏହାର ଯାତ୍ରା ଆରମ୍ଭ କରିଥିଲା। ମୁମ୍ବାଇ ଠାରେ ଆୟୋଜନ କରାଯାଇଥିବା ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଜାୱା ଓ ଜାୱା ଫୋର୍ଟି ଟୁକୁ ଉନ୍ମୋଚନ କରି ଦର୍ଶକଙ୍କୁ ରୋମାଂଚିତ କରାଯାଇଥିବା ବେଳେ ଏକ ଫ୍ୟାକ୍ଟରି କଷ୍ଟମ୍ ଭାବେ ଜାୱା ପେରାକ୍‌କୁ ଉନ୍ମୋଚନ କରାଯାଇଥିଲା। ଆଜି, କ୍ଲାସିକ୍ ଲିଜେଣ୍ଡସ୍ ଏହାର ପ୍ରଥମ ବାର୍ଷିକୀ ପାଳନ କରୁଥିବା ବେଳେ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରି ଆକର୍ଷଣୀୟ ନୂଆ ଜାୱା ପେରାକ୍‌କୁ ଉନ୍ମୋଚନ କରିଛି। ପେରାକ୍‌କୁ ଉନ୍ମୋଚନ କରିବା ପୂର୍ବରୁ କ୍ଲାସିକ୍ ଲିଜେଣ୍ଡସ୍ ପକ୍ଷରୁ ଗତ ବର୍ଷକର ସଫଳତାକୁ ବର୍ଣ୍ଣନା କରାଯାଇଛି। ଜାୱା ମୋଟରସାଇକଲ୍‌ର ବୁକିଙ୍ଗ୍ ପ୍ରତି ବିପୁଳ ସମର୍ଥନ ଯୋଗୁ ବୁକିଙ୍ଗ୍ ଘୋଷଣା ହେବାର କିଛି ଦିନ ଭିତରେ ପରବର୍ତ୍ତି ୯ ମାସ ପାଇଁ ଏହି ବ୍ରାଣ୍ଡ୍‌ର ସବୁ ମୋଟରସାଇକଲ୍ ବିକ୍ରି ହୋଇଯାଇଥିଲା ଏବଂ ସେଥିପାଇଁ ଉନ୍ମୋଚନର ୪୦ ଦିନ ଭିତରେ ଅନଲାଇନ୍ ବୁକିଙ୍ଗ୍ ବନ୍ଦ କରିବାକୁ ପଡ଼ିଥିଲା। ୧୦୦ ଦିନରୁ କମ୍ ସମୟ ଭିତରେ କଂପାନି ୧୦୦ ନୂଆ ଡିଲରସିପ୍ ଖୋଲିବାରେ ସକ୍ଷମ ହୋଇଛି ଯାହା ହେଉଛି ଦେଶର ଏକ ଅଟୋମୋବାଇଲ୍ କଂପାନି ଲାଗି ଉଲ୍ଲେଖନୀୟ ସଫଳତା। ଶ୍ରୀଯୁକ୍ତ ଆନନ୍ଦ ମହିନ୍ଦ୍ରା, ଅଧ୍ୟକ୍ଷ, ମହିନ୍ଦ୍ରା ଗ୍ରୁପ୍ କହିଛନ୍ତି ଯେ, "ଏକ ଚମତ୍କାର ବ୍ରାଣ୍ଡ୍‌କୁ ପୁନଃ ଉପସ୍ଥାପିତ କରିବା ଲାଗି ଗତବର୍ଷ ଆମକୁ ବିରଳ ସୁଯୋଗ ମିଳିଥିଲା। ସ୍ୱାଧୀନତା ଓ ରୋମାଂଚ ପ୍ରତି ଆମର ରହିଥିବା ଆକର୍ଷଣ ଓ ଅଭିଳାଷକୁ ଜାୱା ଉପସ୍ଥାପନ କରିଥିଲା। ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ ବର୍ଷ ଥିଲା, ଯେଉଁଥିରେ ଜାୱା ସହ ବଢ଼ିଥିବା ଏହାର ଅନେକ ପ୍ରେମୀ ହଜାର ହଜାର ସ୍ମୃତିକୁ ତାଜା କରିଛନ୍ତି ଏବଂ ନୂତନ ମାଲିକମାନେ ଅସଂଖ୍ୟ କାହାଣୀ ସହିତ ଆଗକୁ ବଢ଼ିବାକୁ ଯାଉଛନ୍ତି।''ଶ୍ରୀଯୁକ୍ତ ଅନୁପମ ଥରେଜା, ସହ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, କ୍ଲାସିକ୍ ଲିଜେଣ୍ଡସ୍ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, "ଗତବର୍ଷ ଏହି ଦିନ ଯେତେବେଳେ ମୁଁ ଓ ମୋ ଟିମ୍ ଜାୱାକୁ ଉନ୍ମୋଚନ କରିଥିଲୁ ତାହା ଆମ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଥିଲା। କିଛି ସପ୍ତାହ ଭିତରେ ସବୁ ବିକ୍ରି ହୋଇଯିବା ଭଳି ଘଟଣା ଓ ରେକର୍ଡ ସମୟ ଭିତରେ ଆମର ଡିଲରସିପ୍ ନେଟୱର୍କକୁ ସଂପ୍ରସାରଣ କରିବା ଠାରୁ ଫର୍‌ଏଭର୍ ହିରୋଜ୍ ଓ ଜାୱା ନୋମାଡସ୍ କାର୍ଯ୍ୟକ୍ରମକୁ ଉନ୍ମୋଚନ କରିବା ପର୍ଯ୍ୟନ୍ତ ତାହା ଆମ ପାଇଁ ଏକ ଚମତ୍କାର ବର୍ଷ ଥିଲା। ଜାୱାକୁ ପୁନଃ ଉପସ୍ଥାପନ କରିବାର ସୁଯୋଗ ଏହା ସହିତ ଆହ୍ୱାନ ନେଇ ଆସିଥିଲା ଓ ଆମ ଉପରେ ବିଶ୍ୱାସ ପ୍ରକଟ କରିଥିବାରୁ ଆମେ ଆମର ଗୋଷ୍ଠୀ ଓ ଗ୍ରାହକଙ୍କୁ ଧନ୍ୟବାଦ ଦେଉଛୁ ଯେଉଁମାନଙ୍କ ପାଇଁ ଆମେ ଆମର ଉତ୍ପାଦ ଓ ସମ୍ପର୍କ କାର୍ଯ୍ୟକ୍ରମ ଜରିଆରେ ନୂତନ ଶିଖରରେ ପହଂଚିପାରିଛୁ।''

# ଗୋଏୟାର୍‌କୁ ମିଳିଲା ଯାତ୍ରୀଙ୍କ ତରଫରୁ ସର୍ବାଧିକ ୪ ଷ୍ଟାର୍ ରେଟିଂ

ଭୁବନେଶ୍ୱର: ଚଉଦ ଲକ୍ଷ ନିୟୁତରୁ ଅଧିକ ଯାତ୍ରୀଙ୍କୁ ନେଇ କରାଯାଇଥିବା ଏକ ମତଦାନ ପ୍ରକ୍ରିୟାରେ ଦେଶର ଅଗ୍ରଣୀ ବିମାନ କଂପାନି ଗୋଏୟାର୍‌କୁ ସର୍ବାଧିକ ୪ ଷ୍ଟାର୍ ରେଟିଂ ମିଳିଛି। ସାରା କେନ୍ଦ୍ରୀୟ ଏସିଆ ଅଂଚଳ ପାଇଁ କଂପାନି ଏହି ମାନ୍ୟତା ହାସଲ କରିଛି। ଆପେକ୍ସ ନାମକ ଏକ ଅଣ ଲାଭଦାୟକ କଂପାନି ତରଫରୁ ଏହି ମତଦାନ କରାଯାଇଥିଲା। ସିଙ୍ଗାପୁର ଠାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ଏୟାରବସ, ସେଂଟର ଫର ଆଭିଏସନ (କାପା) ଓ ଦି ଇଂଟରନ୍ୟାସନାଲ୍ ଏୟାର ଟ୍ରାନ୍ସପୋର୍ଟ ଆସୋସିଏସନ (ଆଇଟା)ର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗୋଏୟାର୍‌କୁ ପ୍ରଦାନ କରାଯାଇଛି। ଆପେକ୍ସ ତରଫରୁ ଗୋଏୟାର୍‌କୁ ତାହାର ବିମାନ ଭିତରର ସାମଗ୍ରିକ ଅନୁଭୂତି, କେବିନ ସେବା, ସିଟର ଆରାମ, ସ୍ୱଚ୍ଛତା ଓ ଖାଦ୍ୟପାନୀୟ ଲାଗି "ସୁଲଭ ମୂଲ୍ୟର ବିମାନ କଂପାନି ୨୦୨୦ ଅଫିସିଆଲ ଏୟାରଲାଇନ୍ ରେଟିଂ" ବର୍ଗରେ ୪ ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଛି। ଶ୍ରେଷ୍ଠ ସିଟ୍ ଆରାମ ଓ ଶ୍ରେଷ୍ଠ କ୍ୟାବିନ୍ ସେବା ଉପରେ ମଧ୍ୟ କଂପାନିକୁ ଯାତ୍ରୀମାନେ ଶ୍ରେଷ୍ଠବିମାନ କଂପାନି ଭାବେ ଭୋଟ୍ ଦେଇଛନ୍ତି। ଅଫିସିଆଲ୍ ଏୟାରଲାଇନ୍ ରେଟିଂ ଓ ଆପେକ୍ସ ଯାତ୍ରୀ ପସନ୍ଦ ପୁରସ୍କାରକୁ ନିରପେକ୍ଷ, ତୃତୀୟ ପକ୍ଷ ଯାତ୍ରୀ ମତାମତ ଆଧାରରେ ପ୍ରଦାନ କରାଯାଉଛି। ସାରା ବିଶ୍ୱରେ ଥିବା ପାଖାପାଖି ୬୦୦ ବିମାନ କଂପାନି ପାଇଁ ୧.୪ ନିୟୁତ ଯାତ୍ରୀ ଭୋଟ ଦେଇଥିଲେ। ତାହାକୁ ବର୍ହି ଅଡିଟିଂ କଂପାନି ଜରିଆରେ ଅନୁଶୀଳନ କରାଯାଇଥିଲା। ଏହି ଅବସରରେ ଶ୍ରୀଯୁକ୍ତ ଜେହ ୱାଡିଆ, ପରିଚାଳନା ନିର୍ଦ୍ଦେଶକ, ଗୋଏୟାର କହିଛନ୍ତି ଯେ,"ନ୍ୟୁୟର୍କରେ ଥିବା ଏୟାରଲାଇନ୍ ପାସେଞ୍ଜର ଏକ୍ସପିରିଏନ୍ସ ଆସୋସିଏସନ (ଆପେକ୍ସ) ସାରା ବିଶ୍ୱର ଯାତ୍ରୀଙ୍କ ସ୍ୱାର୍ଥ ଲାଗି ବିମାନ ଶିଳ୍ପରେ କାର୍ଯ୍ୟ କରୁଛି। ହାରାହାରି ୩.୮ ବର୍ଷର ବିମାନକୁ ନେଇ ଥିବା ଫ୍ଲିଟ୍ ଜରିଆରେ ଗୋଏୟାରର ଥିବା ଗ୍ରାହକ କୈନ୍ଦ୍ରୀକ ଦର୍ଶନ ପ୍ରତି ଫୋର ଷ୍ଟାର୍ ରେଟିଂ ହେଉଛି ସ୍ୱୀକୃତି। ଟିକଟ କିଣିବାଠାରୁ ଆରମ୍ଭ କରି ବ୍ୟାଗ୍ ହାସଲ କରିବା ପର୍ଯ୍ୟନ୍ତ ପ୍ରତିଟି ସ୍ତରର ଯାତ୍ରା ଅନୁଭୂତି ପାଇଁ ଗୋଏୟାର ଯାତ୍ରୀମାନଙ୍କୁ ମତାମତ ମଗାଯାଇଥିଲା ଏବଂ ସେମାନେ ଉଲ୍ଲେଖନୀୟ ଭାବେ ଗୋଏୟାର ସପକ୍ଷରେ ଭୋଟ୍ ଦେଇଛନ୍ତି।




# ରାଜ୍ୟ ସରକାରଙ୍କ ଅବହେଳାରୁ ଜଙ୍ଗଲ ଲୋପ ପାଇ ଚାଲିଛି

ଭୁବନେଶ୍ୱର (ଓଏନ୍ଏସ୍): କ୍ରମେ ଓଡ଼ିଶାରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଡେ଼ରାଡୁନ୍ଠାରେ ଥିବା ଭାରତୀୟ ବନ ସର୍ଭେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ଆଗାମୀ ୨୦ବର୍ଷ ମଧ୍ୟରେ ରାଜ୍ୟରେ ସବୁତକ ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। ସୂଚନାଯୋଗ୍ୟ ଯେ, ୧୯୮୧ ମସିହାରେ ରାଜ୍ୟରେ ପ୍ରାୟ ୫୯୯୬୩ ବର୍ଗ କିଲୋମିଟର ଅଂଚଳ ଜଙ୍ଗଲ ପରିବେଷ୍ଟିତ ଥିଲା। ସେତେବେଳେ ଏହା ରାଜ୍ୟର ଭୌଗୋଳିକ ପରିସୀମାର ୩୮ ଭାଗ ଥିବାବେଳେ ଭାରତ ବର୍ଷର ମୋଟ ଜଙ୍ଗଲ ପରିମାଣର ୮ଭାଗ ଥିଲା। ହେଲେ ୧୯୯୭ ସୁଦ୍ଧା ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ଜଙ୍ଗଲ ପରିମାଣ ୫୮୧୩୫.୪୭ ବର୍ଗ କି.ମି.କୁ ଖସି ଆସିଥିଲା। ଏଥିମଧ୍ୟରେ ଚିହ୍ନଟ ସଂରକ୍ଷିତ ଜଙ୍ଗଲ, ଅଣ ଚିହ୍ନଟ ଜଙ୍ଗଲ, ଅଣ ଶ୍ରେଣୀଭୁକ୍ତ ଏବଂ ଅନ୍ୟାନ୍ୟ ଜଙ୍ଗଲ ପରିଣାମ ଯଥାକ୍ରମେ ୨୬୨୩୯.୧୬ବର୍ଗ କି.ମି., ୧୧୬୮୫.୬୮ ବର୍ଗ କି.ମି., ୩୮୩୮.୭୮ ବର୍ଗ କି.ମି. ଓ ୧୬୨୬୧.୩୪ ବର୍ଗ କି.ମି. ରହିଥିଲା। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୪୫ ହଜାର ବର୍ଗ କି.ମି. ଜଙ୍ଗଲ ରହିଥିବା କୁହାଯାଉଛି। ମାତ୍ର ଜଙ୍ଗଲ ପରିମାଣକୁ ନେଇ ବିଭିନ୍ନ ସମୟରେ ଭାରତୀୟ ବନ ସଂରକ୍ଷଣ ସଂସ୍ଥାର ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟରେ ତାରତମ୍ୟ ରହୁଛି। ବାସ୍ତବତା ଦେଖାଗଲେ, ବର୍ତ୍ତମାନ ଓଡ଼ିଶାରେ ୩୦ହଜାର ବର୍ଗ କି.ମି. ଜଙ୍ଗଲ ଥିବାନେଇ ସନ୍ଦେହ ରହିଛି। ପ୍ରତିବର୍ଷ ରାଜ୍ୟରେ ୭୦୦ରୁ ୯୦୦ ବର୍ଗ କି.ମି. ଆୟତନର ଜଙ୍ଗଲ ଧ୍ୱଂସ ପାଉଛି। ଏଥିରେ ଅବିଭାଜିତ କୋରାପୁଟ ଜିଲ୍ଲା ବହୁ ଆଗରେ ରହିଛି। ଉପକୂଳବର୍ତ୍ତୀ ଅଂଚଳରେ ଲୁଣା ଜଙ୍ଗଲ ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇ ସାରିଛି। ୧୯୯୯ ମହାବାତ୍ୟାରେ ୭୫ ଭାଗ ଲୁଣା ଜଙ୍ଗଲ ଧ୍ୱଂସ ପାଇଥିଲା। ଓଡ଼ିଶାର ଜଙ୍ଗଲ ଇତିହାସକୁ ଖେଳେଇଲେ, ଅନେକ ତଥ୍ୟ ସାମ୍ନାକୁ ଆସିବ। ସ୍ୱାଧୀନତା ବେଳେ ୧୭ଟି ଟେରିଟୋରିଆଲ୍ ଡ଼ିଭିଜନ୍ ଥିବା ଓଡ଼ିଶାର ଜଙ୍ଗଲ ବିଭାଗ ଜଣେ ପ୍ରିନ୍ସପାଲ୍ ବନ ସଂରକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସେତେବେଳେ ଜଙ୍ଗଲ ମାଫିଆମାନେ ସକ୍ରିୟ ହୋଇ ଉଠିଥିଲେ ଓ ଦ୍ରୁତ ଗତିରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଲା। ଜଙ୍ଗଲ ଧ୍ୱଂସ ଆଶଙ୍କାରେ ରାଜ୍ୟ ସରକାର ୧୯୬୨ରେ ୭ଟି ଆଫୋରଷ୍ଟେସନ୍ ଡ଼ିଭିଜନ୍ ଖୋଲିଲେ। ଅର୍ଥାତ୍ ଏହା ମାଧ୍ୟମରେ ଜଙ୍ଗଲ ଧ୍ୱଂସକୁ ରୋଗାଯାଇପାରିବ ଓ ଜଙ୍ଗଲ ପୁନରୁଦ୍ଧାର ହୋଇ ପାରିବ ବୋଲି ଲକ୍ଷ୍ୟ ରଖାଗଲା। କିନ୍ତୁ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା ଓ ୧୯୭୩ରେ ରାଜ୍ୟ ସରକାର କେନ୍ଦୁପତ୍ରକୁ ସ୍ୱତନ୍ତ୍ର ବିଭାଗରେ ପରିଣତ କଲେ ଓ ଏଥିପାଇଁ ରାଜ୍ୟରେ ୧୨ଟି ଡ଼ିଭିଜନ୍ ଖୋଲାଗଲା। ଆଶ୍ଚର୍ଯ୍ୟର କଥା ଯେ, ଜଙ୍ଗଲ ବିଭାଗକୁ ଭାଗଭାଗ କରାଯାଇ ଅଧିକରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସତ୍ୱେ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା। କ୍ରମେ ରାଜ୍ୟବାସୀଙ୍କ ଉପରେ ଏହାର କୁପ୍ରଭାବ ପଡ଼ିଲା। ପରିବେଶ ପ୍ରଦୂଷିତ ହେବାରେ ଲାଗିଲା। ବର୍ଷକୁ ବର୍ଷ ତାପମାତ୍ରା ବଢିଲା। ଭବିଷ୍ୟତରେ ଭୟାବହତାର ଆଶଙ୍କା କରାଗଲା। ଆଉ ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ନିମନ୍ତେ କୌଣସି ସନ୍ତୋଷ ଜନକ ପଦକ୍ଷେପ ନେଇ ପାରୁ ନଥିବାବେଳେ ୧୯୮୪ରେ ସୁଇଡ଼େନ୍ ସରକାର ରାଜ୍ୟରେ ଆରମ୍ଭ କଲା, "ସାମାଜିକ ବନ୍ୟ ପ୍ରକଳ୍ପ" କାର୍ଯ୍ୟକ୍ରମ। ଜଣେ ପ୍ରିନ୍ସପାଲ୍ ସିସିଏଫ୍ଙ୍କ ଦ୍ୱାରା ଜଙ୍ଗଲ ବିଭାଗ ପରିଚାଳିତ ହେଲେ ମଧ୍ୟ ଭିନ୍ନ ଭିନ୍ନ ଜଙ୍ଗଲ ସଂପଦକୁ ଅଲଗା ଅଲଗା କରାଯିବା ଦ୍ୱାରା ଜଙ୍ଗଲ ରକ୍ଷା ପାଇବା ସହ ଜଙ୍ଗଲ ସଂପଦର ସୁରକ୍ଷା ହୋଇ ପାରିବ ବୋଲି ଲକ୍ଷ୍ୟ ରଖା ଯାଇଥିଲା। ମାତ୍ର ଆଜି ସରକାର ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିବାରେ ବିଫଳ ହୋଇଛନ୍ତି। ଜଙ୍ଗଲ କ୍ଷୟ ଅବ୍ୟାହତ ଥିବାବେଳେ ସାମାଜିକ ବନ୍ୟ ପ୍ରକଳ୍ପ ବିଫଳ ହୋଇଛି। ଜଙ୍ଗଲ ସଂପଦ ଉତ୍ପାଦନ ହ୍ରାସ ପାଇଛି ଓ ଜଙ୍ଗଲ ମାଫିଆ ତଥା କର୍ମଚାରୀଙ୍କ ଦ୍ୱାରା ମୂଲ୍ୟବାନ୍ ଜଙ୍ଗଲ ସଂପଦ ଆଖିବୁଜା ଲୁଟ୍ ହେଉଛି ଏବଂ ବହୁ ସଂଖ୍ୟାରେ ଜଙ୍ଗଲ ପ୍ରାଣୀ ଅକାଳ ମୃତ୍ୟୁ ବରଣ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଧଳା ହରିଣ, କଇଁଛ, କୁମ୍ଭୀର ଓ ବାରହାଙ୍କର ସୁରକ୍ଷା ଓ ସେମାନଙ୍କର ବଂଶ ବୃଦ୍ଧି ପାଇଁ ରାଜନଗର ୱାଇଲଡ଼ ଲାଇଫ୍ ଡ଼ିଭିଜନ୍ ଖୋଲାଯାଇ ଥିବାବେଳେ ଟାଇଗର୍ ପ୍ରକଳ୍ପ ପାଇଁ ସିମିଳିପାଳ ଅଭୟାରଣ୍ୟ ବା ୱାଇଲଡ଼ ଲାଇଫ୍ ଡ଼ିଭିଜନ୍ ତଥା ହାତୀ, ବାଘ, ଗୟଳ, ସମ୍ବର ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ରାଜ୍ୟରେ ୧୮ଟି ଅଭୟାରଣ୍ୟ ଓ ୨ଟି ଜାତୀୟ ଉଦ୍ୟାନ ପ୍ରାୟ ୬୬୭୭.୫୦ବର୍ଗ କି.ମି. ଅଂଚଳରେ ପ୍ରତିଷ୍ଠା କରାଯାଇଥିଲା। ବିଭାଗୀୟ ଅବହେଳା ଓ ସୁରକ୍ଷା ଅଭାବରୁ ଅକାଳ ହାତୀ ମୃତ୍ୟୁ ଘଟଣା ବଢିଚାଲିଛି। ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ପରିଚାଳନାରେ ବ୍ୟାପକ ତ୍ରୁଟି ରହୁଥିବାରୁ କୁମ୍ଭୀର, ଅଲିଭ୍ ରିଡ଼୍ଲେ କଇଁଛ, ବିଦେଶୀ ପକ୍ଷୀ, ବାରହା ଓ ଧଳା ହରିଣ ଆଦି ଜୀବଜନ୍ତୁ ତଥା ସରୀସୃପ ଅସୁରକ୍ଷା ବଳୟ ଭିତରେ ରହୁଛନ୍ତି। କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ଯୋଗୁ କ୍ରମେ ଏଠାକୁ ଆସୁଥିବା କଇଁଛଙ୍କ ସଂଖ୍ୟା ହ୍ରାସ ପାଉଛି। ଜଙ୍ଗଲ ସୁରକ୍ଷା ଓ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ସରକାର ଅନେକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଉଛନ୍ତି। ଗତ ୨ବର୍ଷ ମଧ୍ୟରେ ବିଭିନ୍ନ ଅଂଚଳରେ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ପ୍ରାୟ ୫୦ହଜାର ହେକ୍ଟର ଅଂଚଳରେ ବୃକ୍ଷରୋପଣ କରାଯାଇଥିବା ବେଳେ ୪୦ହଜାର ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୫ହଜାର ହେକ୍ଟର ବେଳାଭୂମିରେ ଝାଉଁ ବୃକ୍ଷ ରୋପଣ ଓ ବ୍ୟକ୍ତିବିଶେଷଙ୍କ ବାଡ଼ି ବଗିଚାରେ ବୃକ୍ଷ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। କିନ୍ତୁ ଜଙ୍ଗଲ ସୁରକ୍ଷା ଓ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କର ବିଭିନ୍ନ ପଦକ୍ଷେପର ସଂଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେହେତୁ କେତେକ କାର୍ଯ୍ୟକ୍ରମ ଖାତାପତ୍ର ବା ଘୋଷଣାରେ ସୀମିତ ରହିଥିବାବେଳେ ଆଉ କେତେକ କାର୍ଯ୍ୟକାରୀତାରେ ଅନିୟମିତତା ରହିଛି। ସରକାର ଆନ୍ତରିକତାର ସହ ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଏବେ ଜଙ୍ଗଲ ସଂପଦରୁ ରାଜ୍ୟ ସରକାରଙ୍କର ଆୟ ଧାର୍ଯ୍ୟଲକ୍ଷ୍ୟରୁ ବହୁ କମ୍ ରହୁଛି। ସରକାର ଦୃଷ୍ଟି ଦେଲେ, ରାଜ୍ୟରେ କେନ୍ଦୁପତ୍ରରୁ ବର୍ଷକୁ ଅତିରିକ୍ତ ୨୦୦କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇ ପାରନ୍ତା।

## କନ୍ଦଲେଇ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଆୟୋଜିତ



ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କନ୍ଦଲେଇ ଠାରେ ଗତ ବୁଧବାର ଆୟୋଜିତ ହୋଇଛି ବିଦ୍ୟାଳୟର ଚତୁର୍ଥ ବାର୍ଷିକ ସମାରୋହ। ଏଥିରେ ବହୁ ସମାଜିକ କର୍ମୀ, ବିଦ୍ୟାର୍ଥୀ, ଅଭିଭାବକ ଯୋଗଦାନ କରି ବିଦ୍ୟାଳୟର ଅତୀତ ସ୍ମୃତି ରୋମନ୍ଥିତ କରିବା ସହ ଆଗାମୀ ଦିନରେ ବିଦ୍ୟାଳୟର ଭବିଷ୍ୟତ ନେଇ ଆଲୋକପାତ କରିଛନ୍ତି। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବିନ୍ଧ୍ୟଗିରିର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାରଣା ଯୋଗଦେଇ ନିଜ ବକ୍ତବ୍ୟରେ ବିଦ୍ୟାଳୟଟିଏ ନିଜର ବାର୍ଷିକ ଉତ୍ସବ ପାଳନ ଜରିଆରେ କିଭଳି ତା'ର ମୂଲ୍ୟାଙ୍କନ କରିବାକୁ ସକ୍ଷମ ହୋଇପାରିଥାଏ ସୂଚାଇଥିଲେ। ବିଦ୍ୟାର୍ଥୀ, ଅଭିଭାବକ ଓ ଶିକ୍ଷକଙ୍କ ଅବଦାନ ରହିଲେ ହିଁ ବିଦ୍ୟାଳୟ ଏକ ସାର୍ଥକ ମଣିଷଗଢା କାରଖାନାଟିଏ ହୋଇପାରିବ। ନୂଆଦିଲ୍ଲୀସ୍ଥିତ ପ୍ରମୁଖ ସାମାଜିକ ସଂଗଠନ 'ଆଶ୍ରା'ର ଉଦ୍ୟମରେ ପ୍ରତିବର୍ଷ ଏହି ଆଦିବାସୀପଲ୍ଲୀର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହେଉଥିବା ସୂଚନା ପ୍ରଦାନ କରାଯାଥିଲା। ଗତ ଫନି ବାତ୍ୟାରେ ବିଦ୍ୟାଳୟ ଭାଙ୍ଗିରୁଜି ଯିବାପରେ 'ଆଶ୍ରା' ପକ୍ଷରୁ ତୁରନ୍ତ କିଭଳି ଏହା ସଜଡ଼ା ଯାଇ ଶୈକ୍ଷିକ ପରିବେଶ ତିଆରି କରାଗଲା ତାହା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ରମୋହନ ନାୟକ ସୂଚାଇଥିଲେ। ବିଦ୍ୟାଳୟର ଶିକ୍ଷକ ସୁବାସ ଓଝା, ସ୍ୱେଚ୍ଛାସେବୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତରାୟ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଶ୍ୟାମ ଗାଗରାଇ, ଗାଁ ମୁରବୀ ମଦନ ଘଡାର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ-ସତ୍ସଙ୍ଗର ଆହ୍ୱାନ



ଭୁବନେଶ୍ୱର (ପିଏନ୍): ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି। ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ। ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ। ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଛନ୍ନତା ନିତାନ୍ତ ପ୍ରୟୋଜନ। ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା। ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ। ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ। ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ। ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ। ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ। ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ। ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ। ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ- ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ-ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା – ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ- ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ।

ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ-ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କଠାରୁ ସନ୍ତାନ ସୁଷ୍ଠ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉତ୍ସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ। ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ। ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି। ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ। ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ। ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ। ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା। ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି – ଉପାସନା। ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ। ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ। ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା। ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ। ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ। ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ। ଆଧାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ-ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା। ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ। ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭)**

# ଏବେ ବି ଡ୍ରଗ୍ସ ମାଫିଆ ସକ୍ରିୟ

ବାଲେଶ୍ୱର (ପିଏନ୍): ଜଳେଶ୍ୱରରୁ ଭୁବନେଶ୍ୱର ଯାଏଁ ଚାଲିଛି ବ୍ରାଉନ ସୁଗାରର ଅବାଧ କାରବାର । ପୁଣି ଜଳେଶ୍ୱର ଅଞ୍ଚଳରୁ ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ ହୋଇଛି । ବ୍ରାଉନ ସୁଗାର ନେଇ ଖସି ପଳାଉଥିବା ଜଣେ ମହିଳାଙ୍କୁ ଗିରଫ କରିଛି କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ । ସୂଚନାଯୋଗ୍ୟ ଯେ ଜଳେଶ୍ୱର ଶାସନବାଡ ଅଞ୍ଚଳର ବ୍ରାଉନ ସୁଗାର ମାଫିଆ ମୁନା ମୀରଙ୍କୁ ଏକ ମାସ ହେଲା ଟ୍ରାକିଂ କରାଯାଉଥିଲା । ଗତ ବୁଧବାର ଭୋର ସମୟରେ କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ଜଳେଶ୍ୱରରେ ପହଞ୍ଚି ଥିଲେ । ସେହି ସମୟରେ ଅବକାରୀ ବିଭାଗକୁ ଦେଖି ଜଣେ ମହିଳା ବ୍ୟାଗ୍‌ରେ କିଛି ନେଇ ପଳାଇ ଯାଉଥିଲାବେଳେ ବିଭାଗ ହାତେ ଧରାପଡିଥିଲା । ମହିଳାଙ୍କ ପାଖରୁ ୩୧୦ ଗ୍ରାମ୍‌ର ବ୍ରାଉନ ସୁଗାର ଜବତ ହେବା ସହ ମହିଳାଙ୍କୁ ଗିରଫ କରିଥିଲା ଅବକାରୀ ବିଭାଗ । ମହିଳା ଜଣଙ୍କ ମୁନା ମୀର୍‌ର ମା' ବୋଲି ଜଣାପଡିଛି । ଗିରଫ ହୋଇଥିବା ମହିଳାଙ୍କ ନାମ ରମିନା ବେଓ୍ୱା । ଆଗାମୀ ଦିନରେ ମୁନା କେବେ ଧରା ପଡିବ ସେଥିନେଇ ଚେଷ୍ଟା ଚାଲିଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଜବତ ୩୧୦ ଗ୍ରାମ୍ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୩୧ ଲକ୍ଷ ଟଙ୍କା ହେବା ବୋଲି ଅବକାରୀ ସୂତ୍ରରୁ ପ୍ରକାଶ । ବାଲେଶ୍ୱର ଏବଂ ଜଳେଶ୍ୱର ଏହି ଧଳା ଜହରର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ଜିଲ୍ଲା ଅବକାରୀ ବିଭାଗର କାର୍ଯ୍ୟଧାରା ସନ୍ଦେହଜନକ । ଉଲ୍ଲେଖଯୋଗ୍ୟ ଯେ କିଛି ଦିନ ପୂର୍ବେ ବଳରାମଗଡି ଚାନ୍ଦିପୁର ଅଞ୍ଚଳରୁ ସମୁଦ୍ର ପଥରେ ମାଛ ପେଟ ଭିତରେ ଭର୍ତ୍ତି ହୋଇ ଆସିଥିବା ବ୍ରାଉନ ସୁଗାର ଅରଡ ବଜାରରୁ ଜବତ ହୋଇଥିଲା । ଜଳପଥରେ ବ୍ରାଉନ ସୁଗାର ଚୋରା କାରବାର ଏକ ସହଜ ଉପାୟ ବୋଲି କିଛି ଅସାଧୁ ମାଛ ବ୍ୟବସାୟୀ ଏହାକୁ ଆପଣେଇ ନେଇଛନ୍ତି । ତେଣୁ ଖାଲି ଜଳେଶ୍ୱର ନୁହେଁ ଚାନ୍ଦିପୁର ଓ ଜିଲ୍ଲାରେ ଥିବା ବିଭିନ୍ନ ମାଛ ଦ୍ୱାରା ଜେଟିରୁ ଏସବୁ ବ୍ରାଉନ ସୁଗାର, ଅଫିମ ଇତ୍ୟାଦି ଚୋରା ଚାଲାଣ ରୋକିବା ଦିଗରେ ଅବକାରୀ ବିଭାଗ ସକ୍ରିୟ ହେଲେ ଅନେକ ତଥ୍ୟ ପଦାକୁ ଆସିପାରିବ । ସେହିପରି ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଲେଶ୍ୱର କଚେରୀ ହତାରେ ଥିବା ଅବକାରୀ କାର୍ଯ୍ୟାଳୟ ଖୋଲା ରହୁଥିଲା ବେଳେ ସହର ଓ ଗ୍ରାମାଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବା ସହ ଅସାମାଜିକ କାର୍ଯ୍ୟକଳାପ ବଢି ଚାଲିଛି । ନିଶା ନିରାକରଣ ପାଇଁ ସଚେତନତା ସୃଷ୍ଟି କରିବା ବାବଦରେ କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ସରକାରଙ୍କଠାରୁ ପ୍ରୋତ୍ସାହନ ରାଶି ପାଉଥିଲା ବେଳେ ନିଶା କାରବାର ଦୂରୀକରଣ ଦୂରରେ ଥାଉ ଏସବୁ ଅବାଧରେ ବଢି ଚାଲିଛି । ବାଲେଶ୍ୱର ସହରର ମଧ୍ୟ ଭାଗରେ ଥିବା ଷ୍ଟେସନ ଛକ, ଫକୀର ମୋହନ ମେଡିକାଲ କଲେଜ ସାମ୍ନା, ଫକୀର ମୋହନ କଲେଜ ଚତୁଃପାର୍ଶ୍ୱ ଓ ମୁଖ୍ୟ ଡାକ୍ତରଖାନାର ପଛପଟେ ଥିବା ଅନ୍ଧାରି ଇଲାକାରେ ବ୍ରାଉନ ସୁଗାର ସେବନକାରୀଙ୍କର ଚୋରାଭୂଇଁ ପାଲଟିଛି । ଏହାଛଡା ଆଇଟିଆଇ ଛକରୁ ସେଣ୍ଟ୍ରାଲ ସ୍କୁଲ ଆଡକୁ ଯାଇଥିବା ରାସ୍ତା ଏବେ ଯାନବାହନ ଚଳାଚଳ ପାଇଁ ସୁରକ୍ଷିତ ମନେ ହେଉନାହିଁ । ଏହି ରାସ୍ତାରେ ମଦ୍ୟପଙ୍କ ଉତ୍ପାତ ମଧ୍ୟ ବଢିଚାଲିଛି । ଏହାଛଡା ବଙ୍କାଖଜୁରୀ ଛକଠାରୁ ଗୋପାଳପୁର ଆଡକୁ ଯାଇଥିବା ରାସ୍ତା, ତାମୁଲିଆ-କୁରୁଡା ଛକଠାରୁ ଜାତୀୟ ରାଜପଥ ଆଦିରେ ମଧ୍ୟ ଚୋରି ଡକାୟତି ଓ ମଦ୍ୟପଙ୍କ ଉତ୍ପାତ ବଢିଚାଲିଛି ।

# ଠିକାଦାରଙ୍କ ଆନ୍ଦୋଳନ ଯୋଗୁଁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ବାଲେଶ୍ୱର (ପିଏନ୍): ସାଧାରଣ ନିର୍ବାଚନ ପରଠାରୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆରଡି ଓ ଜଳସେଚନ ଆଦି ବିଭାଗ ଦ୍ୱାରା ହେଉଥିବା ଉନ୍ନୟନ କାର୍ଯ୍ୟ ପ୍ରାୟତଃ ଠପ୍ ହୋଇଯାଇଛି । ବିଶେଷ କରି ଠିକାଦାରମାନେ ଦୀର୍ଘ ଦିନ ଧରି ସେମାନଙ୍କର ପାଉଣା ପାଉନଥିବାରୁ କୌଣସି ଉନ୍ନୟନ କାର୍ଯ୍ୟରେ ସାମିଲ ହେଉନାହାନ୍ତି । ଅପରପକ୍ଷରେ ପିଡବ୍ଲୁଡି, ଆରଡି, ଇରିଗେସନ୍ ଆଦି ସଂସ୍ଥାରେ ପୂର୍ବରୁ ଠିକାଦାର କାର୍ଯ୍ୟ କରୁଥିବା ସଂସ୍ଥାଗୁଡିକ ଆର୍ଥିକ ଅନାଟନରେ ଗତି କରୁଛନ୍ତି । ଏସବୁ କାରଣରୁ ଟ୍ରକ, ହାଇଓ୍ୱା, ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନଗୁଡିକ ମଧ୍ୟ କାର୍ଯ୍ୟକ୍ଷମ ହେଉନାହିଁ । ଠିକାଦାରମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ପିଡବ୍ଲୁଡି, ଆରଡି, ଇରିଗେସନ୍ ଆଦିର ମୁଖ୍ୟ କାର୍ଯ୍ୟାଳୟରେ ଧାରଣା ଦେଲେ ମଧ୍ୟ ଏମାନଙ୍କ କଥା ଶୁଣିବାକୁ କେହି ନାହିଁ । ଏହିସବୁ କାରଣରୁ ବାଲେଶ୍ୱର ସହରର ମୁଖ୍ୟ ରାସ୍ତା ଓଟି ରୋଡର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି । ଯେଉଁସବୁ ସ୍ଥାନରୁ ଅସ୍ଥାୟୀ ଦୋକାନ ଘର ଉଚ୍ଛେଦ ହୋଇଥିଲା ସେହି ସ୍ଥାନରେ ପୁଣି ଦୋକାନୀମାନେ ପସରା ମେଲାଇଛନ୍ତି । ବିଶେଷ କରି ତାମୁଲିଆ ଓଭର ବ୍ରିଜ୍‌ଠାରୁ ଆଇଟିଆଇ ଛକ ପର୍ଯ୍ୟନ୍ତ ହୋଇଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଏବେ ପ୍ରାୟ ବନ୍ଦ ରହିଛି । ଫଳରେ ନିର୍ମାଣାଧୀନ ରାସ୍ତାରେ ପାଣି ସିଞ୍ଚନ ହେଉନଥିବାରୁ ଧୂଳିର ଆସ୍ତରଣ ପଥଚାରୀଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଛି । ଠିକାଦାରମାନଙ୍କ ଆନ୍ଦୋଳନ କେବଳ ଜିଲ୍ଲାସ୍ତରରେ ସୀମିତ ନାହିଁ, ଏହା ରାଜ୍ୟସ୍ତରକୁ ବ୍ୟାପିଗଲାଣି । କେନ୍ଦ୍ର ଓ ରାଜ୍ୟ ସହଯୋଗରେ ହେଉଥିବା ଫ୍ଲାଇ ଓଭରବ୍ରିଜ୍, ରେଲଓ୍ୱେ ବ୍ରିଜ୍ ଇତ୍ୟାଦିର ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ଧରି ବନ୍ଦ ରହିଛି । ବିଶେଷ କରି ବାଲେଶ୍ୱରର ଦୁଇଟି ଓଭରବ୍ରିଜ୍, ଜଳେଶ୍ୱରର ଦୁଇଟ୍ ଓଭରବ୍ରିଜ୍, ବସ୍ତା ତହସିଲ ଆଗରେ ଥିବା ଓଭରବ୍ରିଜ୍‌ର ମଧ୍ୟ ନିର୍ମାଣ କାର୍ଯ୍ୟ ପ୍ରାୟତଃ ବନ୍ଦ ଥିବାର ଦେଖିବାକୁ ମିଳିଛି । ଫୁଲାଡି ନକଟବର୍ତ୍ତୀ ବୁଢାବଳଙ୍ଗ ନଦୀ ଉପରେ ନିର୍ମାଣଧୀନ ଉଚ୍ଚମାନର ପକ୍କା ପୋଲ ନିର୍ମାଣ କାର୍ଯ୍ୟ ମଧ୍ୟ ବନ୍ଦ ରହିଥିବାର ଦେଖିବାକୁ ମିଳିଛି । ରାଜ୍ୟ ଓ କେନ୍ଦ୍ରର ନେତାମାନେ ଠିକାଦାରମାନଙ୍କ ଦାବି ଶୁଣିବା ପରିବର୍ତ୍ତେ ସେମାନେ ନିଜ ଅଞ୍ଚଳକୁ ନଆସି ଭୁବନେଶ୍ୱରରେ ରହୁଥିବାର କୁହାଯାଉଛି । ଡିସେମ୍ବର ମାସ ଶେଷ ହେବାକୁ ବସିଲାଣି । ମାର୍ଚ୍ଚ ସୁଦ୍ଧା ପୁରୁଣା କାମ ଶେଷ ହେବା କଥା । କିନ୍ତୁ ସରକାରଙ୍କର ତହବିଲରେ ଟଙ୍କା ନଥିବାରୁ ଠିକାଦାରମାନଙ୍କୁ ବାକିୟା ପାଉଣା ଦିଆଯାଉନାହିଁ କିମ୍ବା ନୂଆ କାମ ପାଇଁ କାର୍ଯ୍ୟାଦେଶ ମିଳୁନାହିଁ । ଏହାର ସମାଧାନ କେବେ ତାହା ସରକାରଙ୍କୁ ହିଁ ଜଣା । ତେବେ ଅଧୁରା ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯତ୍ନବାନ ହୁଅନ୍ତୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ପ୍ରଦୂଷଣ କାରଣରୁ ଇଟାଭାଟି ବନ୍ଦ ହୋଇଯିବ

ବାଲେଶ୍ୱର (ପିଏନ୍): ପୂର୍ବରୁ ତିଆରି ହୋଇଥିବା କାଦୁଆ ବାଲିର ତିଆରି ଇଟାଗୁଡିକୁ ଚିମ୍ନି ଓ ଚଦର ଭାଟି ଦ୍ୱାରା କୋଇଲା ଓ କାଠରେ ପୋଡାଯାଇ ଇଟା ନିର୍ମାଣ ହେଉଥିଲା । କିନ୍ତୁ ଏବେ ସରକାର ପ୍ରଦୂଷଣ କାରଣରୁ ଏସବୁ ଇଟାଭାଟିକୁ ବନ୍ଦ କରିଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ନଦୀଗୁଡିକରୁ ବାଲି ଉଠାଣ ଓ ପରିବହନ ଉପରେ କଟକଣା ଲାଗୁ କରାଯାଇଛି । କିନ୍ତୁ କିଛି ବାଲି ମାଫିଆ ବଳପୂର୍ବକ ବୁଢାବଳଙ୍ଗ, ସ୍ୱର୍ଣ୍ଣ, ଗଙ୍ଗାହାର, ପିତାକାଳିଆ, ଗମେଇ, ସୁବର୍ଣ୍ଣରେଖା, ଜଳକା ଆଦି ଛୋଟବଡ ନଦୀରୁ ବାଲି ଉଠାଣ କରି ରାସ୍ତା ପାର୍ଶ୍ୱରେ ମହଜୁଦ୍ କରି ରଖିଛନ୍ତି । ଏସବୁକୁ ଚଢା ଦାମରେ ବିକ୍ରି କରାଯାଉଥିବାର ଅଭିଯୋଗ ହୋଇଛି । ବିଶେଷ କରି ଏସବୁ ଅଞ୍ଚଳରେ ଥିବା ତହସିଲଦାର, ରେଭେନ୍ୟୁ ସୁପରଭାଇଜର, ଆରଆଇ ଓ ସ୍ଥାନୀୟ ସରପଞ୍ଚ ମୋଟା ଅଙ୍କର ଉତ୍କୋଚ ନେଇ ବେଆଇନ୍ ବାଲି ଉଠାଣକୁ ପ୍ରୋତ୍ସାହନ ଦେଉଛନ୍ତି । ବିଶେଷ କରି ଜଳେଶ୍ୱର ଓ ବାଲିଆପାଳ ଅଞ୍ଚଳଦେଇ ପ୍ରବାହିତ ହେଉଥିବା ସୁବର୍ଣ୍ଣରେଖାରୁ ବାଲି ଉଠାଣ କରି ବାଲି ମାଫିଆମାନେ ନାମକୁ ମାତ୍ର କିଛି ଜୋରିମନା ଓ ରାଜସ୍ୱ ଫି ଦେଇ ଏସବୁକୁ ଅବାଧରେ ପଶ୍ଚିମବଙ୍ଗକୁ ଚୋରାଚାଲାଣ କରୁଛନ୍ତି । ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଆରଆଇଙ୍କର ଏସବୁ ବାଲି ମାଫିଆମାନଙ୍କ ସହ ମଧୁର ସମ୍ପର୍କ ରହିଛି । ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ କାଁ ଭାଁ କେଉଁଠି ନାଲି ଇଟା ଓ ବାଲି ବୋଝେଇ ଟ୍ରକ ଦିନବେଳେ ଅଟକା ଯାଉଥିଲା ବେଳେ ରାତି ବେଳେ ଏସବୁ ଅବାଧରେ ଛାଡି ଦିଆଯାଉଛି । ଏଥିରେ ପୁଲିସ ଓ ରାଜସ୍ୱ କର୍ମଚାରୀ ମାଲେମାଲ୍ ହେଉଥିଲା ବେଳେ ସରକାରୀ ଆଦେଶନାମା ପାଣିର ଗାର ହୋଇଛି । ବାଲେଶ୍ୱର ସହରର ଉପକଣ୍ଠରେ ଥିବା ଫୁଲାଡି, ନହରପାଟଣା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏବେ ଅବାଧରେ ଇଟାଭାଟି ଚାଲିଛି । ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷ ଜାଣି ସୁଦ୍ଧା ଏସବୁକୁ ରୋକିବା ଦିଗରେ ପଦକ୍ଷେପ ନେବା ଦୂରେ ଥାଉ ମୋଟା ଅଙ୍କର ହାତଗୁଞ୍ଜା ନେଇ ପ୍ରଦୂଷଣ-ମୁକ୍ତ ସାର୍ଟିଫିକେଟ୍ ଦେଉଥିବାର ଅଭିଯୋଗ ହେଉଛି । କିନ୍ତୁ ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଥିବା କିଛି ପୁରୁଣା ନେତା ଏବେ ଟ୍ରକ୍ ଓ ବାଲି ମାଫିଆଙ୍କ ସପକ୍ଷରେ ନିଜର ଯୁକ୍ତି ବାଢୁଛନ୍ତି । କିନ୍ତୁ ଇଟାଭାଟି ପ୍ରଦୂଷଣ ତଥା ନଦୀ ଅବବାହିକାରେ ଇଟାଭାଟି ଖନନ କାରଣରୁ ସହରରେ ବନ୍ୟା ଓ ଅନ୍ୟାନ୍ୟ ବିପତ୍ତି ଚିରସାଥୀ ହୋଇଥିଲାବେଳେ ଏଥିପ୍ରତି ନେତାଙ୍କର ନଜର ନାହିଁ । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ କିଛି ଅସାଧୁ ବ୍ୟବସାୟୀ ରାଜସ୍ୱ ଓ ପୁଲିସ ପ୍ରଶାସନ ସହ ମଧୁର ସମ୍ପର୍କ ରଖି ନଦୀରୁ ବାଲି ଉଠାଣ କରୁଥିବାର ଦେଖିବାକୁ ମିଳୁଛି । ଖୋଦ୍ ୬୦ନଂ ଜାତୀୟ ରାଜପଥର ଦୁଇ ଧାରରେ ଏସବୁ କାର୍ଯ୍ୟ ଖୋଲାଖୋଲି ଚାଲିଥିଲା ବେଳେ ଜିଲ୍ଲା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ କେବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK






## ସାହାରା ୱାରିଅର ଆଇପିଏ ନ୍ୟାସନାଲ ଓପନ ଚାମ୍ପିଅନସିପ ୨୦୧୯ର ବିଜେତା




ଭୁବନେଶ୍ୱର: ନ୍ୟାସନାଲ ଚାମ୍ପିୟନ ବିଜୟୀ ପୋଲୋ ଟିମ ସାହାରା ୱାରିଅର ଅନ୍ତିମ ମ୍ୟାଚରେ ଭାରତରେ ଶକ୍ତିଶାଳୀ ଦଳ ଭାବେ ଜଣାଶୁଣା ଜିନ୍ଦଲ ପାନ୍ଥରସଙ୍କ ବିପକ୍ଷରେ ବିଜୟ ହାସଲ କରି ଲଗାତାର ଦ୍ୱିତୀୟ ଥର ପାଇଁ ଆଇପିଏ ନ୍ୟାସନାଲ ଓପନ ଚାମ୍ପିୟନସିପ ୨୦୧୯ରେ ସଫଳତା ହାସଲ କରିଛି । ଲୋକପ୍ରିୟ ସାହାରା ଇଣ୍ଡିଆ ପରିବାର ଲୋଗର ରଙ୍ଗରେ ଜର୍ସିଗୁଡ଼ିକ ପରିଧାନକରି ଏହି ଦଳ ଅନ୍ତିମ ପର୍ଯ୍ୟାୟରେ ଏକ ରୋମାଞ୍ଚକର ଖେଳ ଖେଳିଥିଲା । ଏହି ଦଳର ସଦସ୍ୟ ଯେପରିକି କ୍ରିଶ ମ୍ୟାକେଞ୍ଜି, ସିଦ୍ଧାର୍ଥ ଶର୍ମା, ଅଙ୍ଗଦ କଲାନ ଏବଂ ସତିନ୍ଦର ଗର୍ଚ୍ଛା ଦଳର ବିଜୟକୁ ସୁନିଶ୍ଚିତ କରିଥିଲେ । ପୂର୍ବରୁ ନିଜ ଖେଳ କ୍ୟାରିୟର ମଧ୍ୟରେ ଏହି ରୋମାଞ୍ଚକ ପ୍ରତିଯୋଗୀତାରେ ଅନେକ ଥର ସଫଳତା ହାସଲ କରିଥିବା କାଶ୍ମୀରର ଯୁଭରାଜ ବିକ୍ରମାଦିତ୍ୟଙ୍କ ଦ୍ୱାରା ଏହି ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା ସାହାରା ୱାରିଅର ଦଳ ପାଇଁ ଏହି ସିଜନ ଦମଦାର ରହିଥିଲା । ସେମାନେ ଜୟପୁର ଏବଂ ଦିଲ୍ଲୀଠାରେ ଇଣ୍ଡିଆନ ପୋଲୋ ଆସୋସିଏସନ ସିଜନର ଚାରୋଟି ବଡ଼ ଟୁର୍ଣ୍ଣାମେଣ୍ଟ ଜିତିଛନ୍ତି । ଏହା ପୂର୍ବରୁ ଦିଲ୍ଲୀ ଏବଂ ଜୟପୁରଠାରେ ଏହି ଦଳ ଆରପିସି କପ ଜୟପୁର, ଜେନେରାଲ ଅମର ସିଂ କନୋଟା କପ ଏବଂ ମହାରାଜା ହରି ସିଂ କପ ମଧ ଜିତିଛନ୍ତି । ନିକଟରେ ଆଇପିଏ ନ୍ୟାସନାଲ ଓପନ ଚାମ୍ପିଅନସିପର ବିଜୟ ଦଳପାଇଁ ଏହି ବର୍ଷର ଚତୁର୍ଥ ବିଜୟରେ ପରିଣତ କରିଛି ।






ଆଜି ଭାରତ ଓ ୱେଷ୍ଟଇଣ୍ଡିଜ୍ ପ୍ରଥମ ଦିନିକିଆ : ଅଭ୍ୟାସ ଅବସରରେ ଭାରତୀୟ ଖେଳାଳି

## କ୍ରୁଏଜ୍ କ୍ରିଟିକ୍ ପକ୍ଷରୁ ସିଡ୍‌ନୀକୁ ଶ୍ରେଷ୍ଠ ହୋମ୍‌ପୋର୍ଟ-୨୦୧୯ ନାମିତ

ଭୁବନେଶ୍ୱର : ପୃଥିବୀର ଶ୍ରେଷ୍ଠ କ୍ରୁଏଜ୍ କ୍ରିଟିକ ପକ୍ଷରୁ ସିଡ୍‌ନୀକୁ ଶ୍ରେଷ୍ଠ ହୋମ୍‌ପୋର୍ଟ-୨୦୧୯ ଭାବେ ନାମିତ କରାଯାଇଛି । କ୍ରୁଏଜ୍ କ୍ରିଟିକ୍ ପକ୍ଷରୁ ଏହାର ୪ର୍ଥ ବାର୍ଷିକ ଏୟୁ ଏଡିଟର ପିକ୍ ଆୱାର୍ଡ ପ୍ରଦାନ ଅବସରରେ ଏହି ସ୍ୱୀକୃତି ଦିଆଯାଇଛି । ଏନେଇ ଅଷ୍ଟ୍ରେଲିଆ ପର୍ଯ୍ୟଟନ ମନ୍ତ୍ରୀ ଷ୍ଟାୟୁର୍ଟ ଆୟରେ କୁହନ୍ତି, ସିଡ୍‌ନୀ ଏହି ସ୍ୱୀକୃତି ପାଇଁ ଉପଯୁକ୍ତ ଥିଲା । ଏହା ପୃଥିବୀର ଶ୍ରେଷ୍ଠ କ୍ରୁଏଜ ଡେଷ୍ଟିନେଶନ ଭାବେ ବିଶେଷ ଖ୍ୟାତି ହାସଲ କରିଛି । ଏହାର ବିକାଶ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଅନ୍ତର୍ଜାତୀୟସ୍ତରରେ ପର୍ଯ୍ୟଟକଙ୍କୁ ଏଠାକୁ ଆକର୍ଷିତ କରାଇବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ଏହାର ପ୍ରାକୃତି ସୌନ୍ଦର୍ଯ୍ୟ ପୃଥିବୀର ବିଭିନ୍ନ ସ୍ଥାନର ପର୍ଯ୍ୟଟକଙ୍କୁ ଏଠାକୁ ଆସିବାକୁ ଉତ୍ସାହିତ କରୁଛି । ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଶାନ୍ତ ପରିବେଶ ତଥା ବିଳାସପୂର୍ଣ୍ଣ ଆରାମଦାୟକ ରହଣୀ ସ୍ଥଳ ପର୍ଯ୍ୟଟକଙ୍କ ଆକର୍ଷଣର ମୁଖ୍ୟ କେନ୍ଦ୍ର ପାଲଟିଛି । ୨୦୩୦ ସୁଦ୍ଧା ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ସାମ୍ପ୍ରତିକ ତଥ୍ୟ ଅନୁସାରେ ନ୍ୟୁ ସାଉଥ୍ ୱେଲସ୍‌ର ୯ଟି ବନ୍ଦରକୁ ୨୦୧୭-୧୮ ଆର୍ଥିକ ବର୍ଷରେ ୩୭୧ କ୍ରୁଏଜ୍ ଆସିଛି । ପ୍ରତି କ୍ରୁଏଜ୍‌ରେ ୧୦୦ରୁ ଅଧିକ ଯାତ୍ରୀ ରହିଥିଲେ ।କ୍ରୁଏଜ୍ କ୍ରିଟିକ୍ ଏଡିଟର ଆୱାର୍ଡ ବିଶ୍ୱସ୍ତରୀୟ ବବିଚାରକ ମଣ୍ଡଳୀଙ୍କ ଦ୍ୱାରା ଚୟନ କରାଯାଇଥାଏ । ଏହି ଅବସରରେ କ୍ରୁଏଜ୍ କ୍ରିଟିକ୍ ଅଷ୍ଟ୍ରେଲିଆର ପରିଚାଳନା ଏଡିଟର ଲୁଇସ୍ ଗୋଲ୍ଡବ୍ୟୁରୀ କହିଲେ, କ୍ରୁଏଜ୍ ହଲିଡେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକର୍ଷିତ କରି ପାରୁଛି । ଏହା କ୍ରମାଗତ ଭାବେ ଲୋକପ୍ରିୟତା ହାସଲ କରୁଛି ।

## ଜାତୀୟ ଉପକନିଷ୍ଠ ବ୍ୟାଡମିଣ୍ଟନରେ ସର୍ବପ୍ରଥମ ମେଡାଲ ଲକ୍ଷ୍ୟରେ ଓଡ଼ିଶା



ଭୁବନେଶ୍ୱର: ଚଳିତ ବର୍ଷ ଡିସେମ୍ବର ୧୭ରୁ ୨୨ ପର୍ଯ୍ୟନ୍ତ ଓଡ଼ିଶାର ଭୁବନେଶ୍ୱର ଠାରେ ୧୫ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ବାଳକ ଏବଂ ବାଳିକା ଉପକନିଷ୍ଠ ବ୍ୟାଡମିଣ୍ଟନ ପ୍ରତିଯୋଗୀତାର ୩୩ତମ ସଂସ୍କରଣର ଆୟୋଜନ ହେବାକୁ ଯାଉଛି । ଏହି ଆୟୋଜନ ସହ ପ୍ରଥମ ଉପକନିଷ୍ଠ ଜାତୀୟ ମେଡାଲ ପାଇଁ ଓଡ଼ିଶାର ଦୀର୍ଘ ସମୟର ପ୍ରତିକ୍ଷାର ଅନ୍ତ ହୋଇପାରେ । ଓଡ଼ିଶା ଷ୍ଟେଟ ବ୍ୟାଡମିଣ୍ଟନ ଆସୋସିଏସନ(ଓଏସବିଏ), ଯାହାକି ଏହି ବୃହତ୍ ପ୍ରତିଯୋଗୀତା ପାଇଁ ଏକ ୨୩ଜଣିଆ ଦଳ ଗଠନ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଏବଂ ଏହା ସହ ଓଡ଼ିଶାର ଆୟୁଷ ପଟନାୟକ ଏବଂ ଶ୍ୱେତାପର୍ଣ୍ଣା ପଣ୍ଡାଙ୍କ ଉପରେ ନଜର ରଖିଛି । ଉଭୟ ନିଜନିଜର ଡବଲ୍‌ସ ଏବଂ ସିଙ୍ଗଲ୍‌ସର ମୁଖ୍ୟ ପର୍ଯ୍ୟାୟରେ ସିଧାସଳଖ ପ୍ରବେଶ କରିଛନ୍ତି । ବାରିପଦାର ଆୟୁଷ ବର୍ତ୍ତମାନ ୧୭ବର୍ଷରୁ କମ ଡବଲ୍‌ସରେ ୫୪୨ ପଏଣ୍ଟ ସହ ବ୍ୟାଡମିଣ୍ଟନ ଆସୋସିଏସନ ଇଣ୍ଡିଆ(ବିଆଇଏ)ର୍ୟାକିଙ୍ଗରେ ପ୍ରଥମ ଏବଂ ୫୭୬ ପଏଣ୍ଟ ସହ ସିଙ୍ଗଲ୍‌ସରେ ଷଷ୍ଠ ସ୍ଥାନରେ ରହିଛନ୍ତି । କଟକର ଶ୍ୱେତାପର୍ଣ୍ଣା ଏହି ବିଏଆଇ ର୍ୟାକିଙ୍ଗରେ ୧୫ ବର୍ଷରୁ କମ ମିକ୍‌ସ୍‌ଡ ଡବଲ୍‌ସରେ ୩୧୦ ପଏଣ୍ଟ ସହ ବର୍ତ୍ତମାନ ଆଗରେ ରହିଛନ୍ତି । ଏହି ଦୁଇଜଣଙ୍କ ବ୍ୟତୀତ ଓଡ଼ିଶା ଦଳରେ ବାଳକ ବର୍ଗରେ ପାର୍ଥ ସାରଥୀ ମିଶ୍ର, ଅଜୟ ମାଝି, ସିଦ୍ଧାର୍ଥ ରାଜେଶ ପାଟିଲ ଓ ତହସିଫ ଖାନ ଏବଂ ବାଳିକା ବର୍ଗରେ ହର୍ଷିତା ରାଉତ ଏବଂ ଶ୍ରୁତି ସ୍ୱାଇଁ ପ୍ରମୁଖ ରହିଛନ୍ତି ।

ଓଡ଼ିଶା ଯୁବଗୋଷ୍ଠୀଙ୍କ ପାଇଁ ଏକ ଉତ୍ସାହୀ ଦର୍ଶକ ଏବଂ ନିଜ ଜନ୍ମଭୂମିରେ ଖେଳିବା ମେଡାଲ ହାସଲ କରିବା ଦିଗରେ ଏକ ସମ୍ପୃକ୍ତ ସୁବିଧା ସାବ୍ୟସ୍ତ ହେବ ବୋଲି ପୂର୍ବରୁ ରାଜ୍ୟସ୍ତରୀୟ ବିଜେତା ବିଭାସ ପରିଡ଼ା କହିଛନ୍ତି ।

## ଏକ୍ସକନ-୨୦୧୯ ରେ ସାନୀ ଇଣ୍ଡିଆ କୁ ଶ୍ରେୟୀ ଫାଇନାନ୍ସ ପକ୍ଷରୁ ୧୩୦ ଏକ୍ସାଭେଟର ପାଇଁ ଅର୍ଡର




ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ ତଥା ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ୯ଟି ଉତ୍ପାଦର ବଜାର ପ୍ରବେଶ ସମ୍ପର୍କରେ ବେଙ୍ଗାଲୁରୁଠାରେ ଆୟୋଜିତ ଏକ୍ସକନ-୨୦୧୯ରେ ଘୋଷଣା କରାଯାଇଛି । ଏଠାରେ ଭାରତ ତଥା ବିଦେଶରୁ ୧୨୫୦ରୁ ଅଧିକ କମ୍ପାନୀ ଅଂଶ ଗ୍ରହଣ କରି ନିଜର ଉତ୍ପାଦ ପ୍ରଦର୍ଶନ କରିଛନ୍ତି । ଏଠାରେ ବିସ୍ତୃତ ବର୍ଗର ଏକ୍ସାଭେଟର, ଟ୍ରକ୍ କ୍ରାୱଲର, କ୍ରେନ୍, ରୋହ୍ ନିର୍ମାଣ ଯନ୍ତ୍ରାଂଶ, ଖଣି ଖନନ ଯନ୍ତ୍ରାଂଶ ଆଦି ପ୍ରଦର୍ଶନ ହୋଇଛି । ଏହା ଭାରତରେ ବ୍ୟାପି ବିଭିନ୍ନ ବିତରକ ଏବଂ ଡାଇରେକ୍ଟ ସେଲସ୍ ନେଟ୍ ୱାର୍କରେ ଉପଲବ୍ଧ ହେବ ।ଏହାର ପ୍ରଥମ ଦିନରେ ସାନୀ ଇଣ୍ଡିଆ ଶ୍ରେୟୀ ଫାଇନାନ୍ସ ପକ୍ଷରୁ ୧୩୦ ଏକ୍ସାଭେଟର ଡେଲିଭରି ଅର୍ଡର ହାସଲ କରିଛି । ଏହି ଅବସରରେ ସାନୀ ଇଣ୍ଡିଆର ଦକ୍ଷିଣ ଏସିଆ ଏମଡି ଦୀପକ ଗର୍ଗ, ବିକ୍ରି ଏବଂ ବିପଣନ ନିର୍ଦ୍ଦେଶକ ଧୀରଜ ପଣ୍ଡା, ଏଚଇ ଏବଂ କଂକ୍ରିଟ୍ ବିୟୁ ମୁଖ୍ୟ ସଞ୍ଜୟ ସାକ୍ସେନା, ଏକ୍ସାଭେଟର ବିୟୁ ମୁଖ୍ୟ ଶଶାଙ୍କ ପାଣ୍ଡେ, କଷ୍ଟମର ଫାଇନାନ୍ସ ମୁଖ୍ୟ ଅରୁଣ ରଘୁନାଥ ଏବଂ ଶ୍ରେୟୀ ଫାଇନାନ୍ସର ଏମ୍‌ଡି ଡି.କେ. ବ୍ୟାସ ଏବଂ ସଭାପତି ଅମିତ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ସାନୀ ଗ୍ରୁପର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, “ ଆମେ ନୂତନ ଉତ୍ପାଦର ବଜାର ପ୍ରବେଶ କରାଇଥିବାରୁ ବେଶ୍ ଆନନ୍ଦିତ । ଏସବୁ ଉତ୍ପାଦ ଗୁଡ଼ିକ ବିକଶିତ ଭାବେ ଡିଜାଇନିଂ କରାଯାଇଛି । ଏଥିରେ ଫୁଏଲ୍ ଇଫିସିଏନ୍ସି, ସୁପରିୟର ପରଫରମାନ୍ସ, ବିଶ୍ୱାସନୀୟତା ତଥା ଡିଜିଟାଇଜେସନ ଆଦି ବୈଶିଷ୍ଟ୍ୟ ରହିଛି । ଏହି ଉତ୍ପାଦ ଗୁଡ଼ିକ ନିର୍ମାଣ କ୍ଷେତ୍ର ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ।ଏସ୍‌ୱାଇ-୨୬୦ ବ୍ରେକର ଏକ୍ସାଭେଟର ୨୬-୩୫ଟି କ୍ଲାସ୍ ରକ୍ ବ୍ରେକର ଭାବେ କାର୍ଯ୍ୟ କରିବ । ସେହିପରି ଏସ୍‌ୱାଇ-୨୮୫-ସି-୯ ଲଙ୍ଗ୍ ରିଚ୍ ଏକ୍ସାଭେଟର ୧୮ ମିଟର ପର୍ଯ୍ୟନ୍ତ ଖନନ କରିବାକୁ ସକ୍ଷମ ।ସେହିପରି ଫାଷ୍ଟ ହ୍ୱିଲଡ୍ ୧୬୧ ଏଚପି ଏକ୍ସାଭଟେର ଏସ୍‌ୱାଇ-୧୫୫-ଡବ୍ଲ୍ୟୁ ଖନନ କରିବା ସହିତ ଘଂଟା ପ୍ରତି ୩୭ କିମି ବେଗରେ ଗତି କରି ପାରିବ ।ସାନୀର ନୂଆ ୧୦ ସିରିଜ୍ ଲାର୍ଜ କ୍ଲାସ୍ ଏକ୍ସାଭେଟର ଏସ୍‌ୱାଇ-୩୮୦-ସି-୧୦ଏଚଡି, ଏସ୍‌ୱାଇ-୫୦୦-ସି-୧୦ଏଚଡି ଏବଂ ଏସ୍‌ୱାଇ-୮୦୦-ସି-୧୦ଏଚଡିରେ ସିଆରଡିଆଇ ଇଞ୍ଜିନ୍ ରହିଛି ଏହା ଖଣି ଖନନରେ ଉପଯୋଗୀ ସାବ୍ୟସ୍ତ ହେବ ।



ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ଣ୍ଣରଙ୍କୁ ଆଉଟ୍ କରିବା ପରେ ନ୍ୟୁଜିଲାଣ୍ଡ ଖେଳାଳିମାନେ ଖୁସି ମନାଉଛନ୍ତି

## ହୋଣ୍ଡା ୨ହ୍ୱିଲର୍ସ ଇଣ୍ଡିଆ, ଭାରତୀୟ ତୈଳ ନିଗମ ସହିତ ହାତ ମିଳାଇଲା




ଭୁବନେଶ୍ୱର: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଭାରତୀୟ ତୈଳ ନିଗମ ଲିମିଟେଡ ସହ ହାତ ମିଳାଇ ‘ସର୍ଭୋ ହୋଣ୍ଡା ଇଂଜିନ ଅଏଲ’କୁ ଉନ୍ମୋଚନ କରାଯାଇଛି । ‘ସର୍ଭୋ ହୋଣ୍ଡା’ ନାମରେ ବ୍ରାଣ୍ଡିଂ ହୋଇଥିବା ଏହି ଇଂଜିନ ଅଏଲକୁ ହୋଣ୍ଡା ମୋଟର କଂପାନି, ଜାପାନ ତରଫରୁ ପରୀକ୍ଷଣ ଓ ସୁପାରିସ କରାଯାଇଛି । ଏହି ଇଂଜିନ ଅଏଲକୁ ସ୍ୱତନ୍ତ୍ର ଭାବେ ହୋଣ୍ଡା ଦୁଇ ଚକିଆ ଗାଡ଼ିଗୁଡ଼ିକରେ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ଏହାର ଦୁଇଟି ସ୍ୱତନ୍ତ୍ର ଗ୍ରେଡ ରହିଛି- ସର୍ଭୋ ହୋଣ୍ଡା ଯୋଶ-୧୦ଡବ୍ଲ୍ୟୁ୩୦ ଏମଏ ଯାହାକୁ ହୋଣ୍ଡାର ମୋଟରସାଇକଲ ଓ ସର୍ଭୋ ହୋଣ୍ଡା ସ୍କୋଟୋଏନଏକ୍ସଟି-୧୦ଡବ୍ଲ୍ୟୁ୩୦ ଏମବି’କୁ ହୋଣ୍ଡା ସ୍କୁଟର ପାଇଁ ପ୍ରସ୍ତୁତ କରାଯାଇଛି । ଏହା ଉନ୍ନତ ପିକ ଅପ ଏବଂ ଦ୍ରୁତ ତ୍ୱରଣ ପ୍ରଦାନ କରିବ ଯାହା ଫଳରେ ଇନ୍ଧନ ମିତବ୍ୟୟିତା ଉନ୍ନତ ହେବ, ଉଚ୍ଚ ତାପମାତ୍ରାରେ ଇଂଜିନକୁ ସୁରକ୍ଷା ମିଳିବ, ସୁବିଧାରେ ଗିୟର ବଦଳିପାରିବ ଏବଂ ଗାଡ଼ି ଚାଳନା ସୁବିଧାଜନକ ହୋଇପାରିବ । ଏହି ଅବସରରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଗ୍ରାହକ ସେବା ବିଭାଗର ବରିଷ୍ଠ ଉପସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ପାଣ୍ଡେ କହିଛନ୍ତି ଯେ, ‘ହୋଣ୍ଡାରେ ଆମେ ସର୍ବଦା ଗ୍ରାହକମାନଙ୍କୁ ଶ୍ରେଷ୍ଠ ମାନର ଉତ୍ପାଦ ଓ ନିରନ୍ତର ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଉଛୁ । ଗ୍ରାହକଙ୍କ ନିମନ୍ତେ ନୂତନ ମୂଲ୍ୟ ପ୍ରଦାନ କରିବା ଲାଗି ଆମେ ଭାରତୀୟ ତୈଳ ନିଗମ ଲିମିଟେଡ ସହିତ ସହବନ୍ଧନ ସ୍ଥାପନ କରିଛୁ । ଏହି ସହଯୋଗିତା ଆମର ସମସ୍ତ ଦୁଇଚକିଆର ସ୍ୱାସ୍ଥ୍ୟକୁ ନିଶ୍ଚିତ କରିବ ।

## ଏଚ୍‌ଡିଏଫ୍‌ସି ଲାଇଫ୍ ପକ୍ଷରୁ ସଂଚୟ ପର୍ ଆଡ୍‌ଭାନ୍‌ଟେଜ୍ ଯୋଜନାର ଶୁଭାରମ୍ଭ

କଟକ: ଭାରତର ଅଗ୍ରଣୀ ବୀମା କମ୍ପାନୀଙ୍କ ମଧ୍ୟରୁ ଗୋଟିଏ ଏଚ୍‌ଡିଏଫ୍‌ସି ଲାଇଫ ଜୀବନ ବୀମା କମ୍ପାନୀ ପକ୍ଷରୁ ସଂଚୟ ପର୍ ଆଡ୍‌ଭାନ୍‌ଟେଜ୍ ନନ୍-ଲିଙ୍କଡ୍ ପାର୍ଟିସିପେଟିଙ୍ଗ ଇନସ୍ୟୁରାନ୍ସ ପ୍ଲାନ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ପ୍ଲାନ୍ ଏଭଳି ଡିଜାଇନ୍ ହୋଇଛି, ଯାହାକି ଗ୍ରାହକଙ୍କୁ ଜୀବନ ବ୍ୟାପି ନିୟମିତ ଆୟ ଦେବା ସହିତ ସାରା ଜୀବନ ପାଇଁ ସୁରକ୍ଷା ପ୍ରଦାନ କରିବ । ଏଚ୍‌ଡିଏଫ୍‌ସି ଲାଇଫ୍ ସଂଚୟ ପର୍ ଆଡ୍‌ଭାନ୍‌ଟେଜ ସର୍‌ଭାଇଭାଲ୍ ବେନିଫିଟ୍ ପେଆଉଟ୍‌ସ ଉପଲବ୍ଧ କରାଇବା ସହିତ ହୋଲ୍ ଲାଇଫ୍ କଭର ଏବଂ ଜୀବନ ବ୍ୟାପି ଇନକମ୍ ଏବଂ ଡ଼େଫରଡ ଇନକମ୍ ଅପସନ୍ ଦ୍ୱାରା ନିଶ୍ଚିତ ବେନିଫିଟ୍ ଓ ଟ୍ୟାକ୍ସ ବେନିଫିଟ୍ ଉପଲବ୍ଧ କରାଇଥାଏ । ଏଚ୍‌ଡ଼ିଏଫ୍‌ସି ଲାଇଫ ସଂଚୟ ପର୍ ଆଡ୍‌ଭାନ୍‌ଟେଜ ଗ୍ରାହକଙ୍କ ପ୍ରିମିୟମ ପେମେଣ୍ଟର ବିକଳ୍ପ ପ୍ରଦାନ କରୁଛି । ଗ୍ରାହକ ନିଜର ଆବଶ୍ୟକତା ଓ ଆର୍ଥିକ ଲକ୍ଷ୍ୟର ଯୋଜନା ଅନୁସାରେ ସେମାନଙ୍କର ପ୍ରିମିୟମ ଆମାଉଣ୍ଟ, ପ୍ରିମିୟମ ପେମେଣ୍ଟ ଟର୍ମ ଏବଂ ଅନ୍ୟ ବିକଳ୍ପ ନିଜେ ଚୟନ କରିପାରିବେ । ନିଜର ଉତ୍ତରଦାୟୀ ଲାଭକୁ ସ୍ୱୀକାର / ଅସ୍ୱୀକାର କରିବାର ବିକଳ୍ପ ମଧ ଏହି ପଲିସ୍‌ରେ ଉପଲବ୍ଧ । ଗ୍ରାହକ ଯଦି ମାସିକ ଆୟ ଚୟନ କରିଥିବେ ତେବେ ତତ୍କାଳ ଆୟ ସୁବିଧା ପ୍ରଥମ ପଲିସ୍ ଆରମ୍ଭରୁ ଉପଲବ୍ଧ ହେବ । ଯେଉଁ ଗ୍ରାହକମାନେ ବିଳମ୍ବିତ ଆୟ ବିକଳ୍ପ ଚୟନ କରିବେ, ସେମାନେ ଅଧିକ ରିଟର୍ଣ୍ଣ ଆମାଉଣ୍ଟ ପାଇବେ ଏବଂ ଏହି ବିକଳ୍ପରେ ଆୟର କିଛି ଅଂଶ ୨୫ ବର୍ଷ ପର୍ଯ୍ୟନ୍ତ ମିଳିବାର ନିଶ୍ଚିତତା ପ୍ରଦାନ କରିବ । ଏଚ୍‌ଡିଏଫ୍‌ସି ଲାଇଫ୍ ସଂଚୟ ପର୍ ଆଡ୍‌ଭାନ୍‌ଟେଜ ଶୁଭାରମ୍ଭ ଅବସରରେ ଏଚଡିଏଫସି ଲାଇଫର ମୁଖ୍ୟ ଆକ୍ଚୁଆରୀ ତଥା ଆପଏଣ୍ଟେଡ଼ ଆକ୍ଚୁଆରୀ ଶ୍ରୀନିବାସନ୍ ପାର୍ଥସାରଥୀ କହିଲେ, “ଏଚ୍‌ଡିଏଫ୍‌ସି ଲାଇଫ୍‌ରେ ଆମେ ନୂତନତାର ସଂସ୍କୃତି ବିକଶିତ କରିଛୁ । ଏଚ୍‌ଡ଼ିଏଫ୍‌ସି ଲାଇଫ୍ ସଂଚୟ ପର୍ ଆଡ୍‌ଭାନ୍‌ଟେଜ କରି ପ୍ରଡ଼କ୍ଟ ଏହି ନୂତନତମ ସଂସ୍କୃତିର ଉଦାହରଣ । ଏହା ଗ୍ରାହକ କୈନ୍ଦ୍ରିକ ତଥା ମୂଲ୍ୟ ନିର୍ମାଣ କରିବା ପରି ପଲିସି ଅଟେ । ମୁଁ ଆନନ୍ଦିତ ଯେ, ଆମର ଏହି ନୂଆ ପଲିସି ଉଭୟ ଆର୍ଥିକ ସୁରକ୍ଷା ଏବଂ ଆୟ ସୁବିଧା ପ୍ରଦାନ କରିବାରେ ସହାୟକ ହେବ । ଆମର ଭବିଷ୍ୟତ ଯୋଜନାକୁ ଅନିଶ୍ଚିତତାରୁ ସୁରକ୍ଷିତ ରଖିବା କାର୍ଯ୍ୟ ଏହି ପଲିସି କରିବ’ । ଏଚ୍‌ଡିଏଫ୍‌ସି ଲାଇଫ୍ ସଂଚୟ ପର୍ ଆଡ୍‌ଭାନ୍‌ଟେଜ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି । ଏହା ତତ୍କାଳ ଇନକମ୍ ଦେବା ସହିତ ଭବିଷ୍ୟତ ଯୋଜନାକୁ ଫଳବତୀ କରାଇ ଅନିଶ୍ଚିତ ଜୀବନକୁ ସୁରକ୍ଷିତ କରିଥାଏ । ଏହି ପ୍ଲାନ୍ ନିଜର ସ୍ୱପ୍ନକୁ ପୂରଣ କରିବା କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହେବା ସହିତ ପରିବାର ଆବଶ୍ୟକତାକୁ ସାକାର କରିଥାଏ । ବିଶେଷତଃ ରୋଜଗାର କରୁଥିବା ବ୍ୟକ୍ତିଙ୍କ ଆକସ୍ମିକ ମୃତ୍ୟୁ କ୍ଷେତ୍ରରେ ଏହା ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଖର୍ଚ୍ଚ, ପିଲାଙ୍କ ପାଠପଢ଼ା ଖର୍ଚ୍ଚକୁ ବହନ କରିପାରିଥାଏ ।

## ହିରୋ ମୋଟୋକର୍ପ ଦେଶର ପ୍ରଥମ ବିଏସ-ଭିଆଇ ମଟରସାଇକେଲ ଲଂଚ

ଭୁବନେଶ୍ୱର-ଗ୍ରାହକ ମାନଙ୍କ ପାଇଁ ଅଭିନବ ଏବଂ ପ୍ରାଦ୍ୟୋଗୀକି ଉନ୍ନତ ଉତ୍ପାଦ ଆଣିବା ଦିଗରେ ଏହାର ସମାନ୍ୱିତ ପ୍ରୟାସ ଜାରିରଖି ହିରୋ ମୋଟୋକର୍ପ, ବିଶ୍ୱର ବୃହତମ ଦୁଇ ଚକିଆ ବିନିର୍ମାତା ଭାରତର ପ୍ରଥମ ବିଏସ-ଭିଆଇ ଅନୁପାଳିତ ମଟରସାଇକେଲ ନୂତନ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ଆଜି ଲଂଚ କରିଛନ୍ତି ।

ବଜାରରେ କିଛି ମାସ ମଧ୍ୟରେ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ଲଂଚ କରିବାକୁ ଯାଉଥିବା ହିରୋ ମୋଟୋକର୍ପ ଆଇସିଏଟି ରୁ ବିଏସ-ଭିଆଇ ସାର୍ଟିଫିକେଟ ପାଇବାରେ ଦେଶର ପ୍ରଥମ ଦୁଇ ଚକିଆ ବିନିର୍ମାତା ହେବାକୁ ଯାଉଛି ।ଭାରତର ପ୍ରଥମ ବିଏସ-ଭିଆଇ ଅନୁପାଳନ (୧୧୦ସିସି) ଏଫଆଇ ଇଞ୍ଜିନ ବିଶେଷତା ଛଡା ଉଚ୍ଚତର ଇନ୍ଧନ ଦକ୍ଷତାରେ ଏହାର ଉଚ୍ଚତର ଟର୍କ ଦ୍ୱାରା ନୂତନ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ଏକ ଅତିରିକ୍ତ ପଂଚ ପ୍ରଦାନ କରିଥାଏ । ବର୍ଦ୍ଧମାନ ଫ୍ରଂଟ ସସ୍ପେନସନ୍ ଯାତ୍ରା, ଯେକୌଣସି ରାସ୍ତାରେ ଯିବା ପାଇଁ ଉଚ୍ଚତର ଗ୍ରାଉଣ୍ଡ କ୍ଲିୟରାନ୍ସ, ବୃହତର ସ୍ଥିରତା ପାଇଁ ଦୀର୍ଘତର ହ୍ୱିଲ-ଆଧାର ସହିତ ସଂପୁର୍ଣ୍ଣ ନୂତନ ଡାଇମଣ୍ଡ ଫ୍ରେମରେ ଯେକୌଣସି ଆହ୍ୱାନର ସାମନା କରିବା ପାଇଁ ଏହି ନୂତନ ମଟରସାଇକେଲ ଡିଜାଇନ ହୋଇଛି । ଏକ ଆଧୁନିକ ଡିଜାଇନ ପାଇଁ ମଧ ଏହି ମଟରସାଇକେଲ ଗୌରବାନ୍ୱିତ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray